

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୯୫ ଭୁବନେଶ୍ୱର ବୁଧବାର, ଅପ୍ରେଲ୍ ୦୨.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/-    Vol.11 . No.195 Bhubaneswar, Wednesday, April 02, 2025


# ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ହେବ ଅଗ୍ନିବର୍ଷା

ଭୁବନେଶ୍ୱର ,୧/୪: ଏପ୍ରିଲରେ ନିଆଁ ବର୍ଷିବ। ଅସହ୍ୟ ତାତି ଅନୁଭୂତ ହେବ। ରାଜ୍ୟରେ ଗ୍ରୀଷ୍ମଲହରୀ ସ୍ୱାଭାବିକରୁ ଅଧିକ ଦିନ ରହିବ; ପ୍ରଚଣ୍ଡ ଖରା ହେବ। ବିଶେଷକରି ଆଭ୍ୟନ୍ତରୀଣ ଓଡ଼ିଶାରେ ଗ୍ରୀଷ୍ମପ୍ରବାହ ଅଧିକ ରହିବ। ଉପକୂଳବର୍ତ୍ତୀ ଜିଲାରେ ତାତି ସାମାନ୍ୟ କମ୍ ରହିପାରେ। ଚଳିତ ମାସରେ ଆଭ୍ୟନ୍ତରୀଣ କାଳବୈଶାଖୀ ଜନିତ ଝଡ଼ବର୍ଷା କମ ରହିବାର ସମ୍ଭାବନା ଥିବାବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ବର୍ଷା ପରିମାଣ ଅଧିକ ରହିପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସେହିପରି ଆସନ୍ତା ୫ରୁ ୬ ମଧ୍ୟରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ମଧ୍ୟ ରହିଛି। ସାରା ଦେଶରେ ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ରହିବ। କେନ୍ଦ୍ରୀୟ ଏବଂ ପୂର୍ବ ଭାରତ ଏବଂ ଉତ୍ତର-ପଶ୍ଚିମ ସମତଳ ଅଞ୍ଚଳରେ ଭୀଷଣ ଗ୍ରୀଷ୍ମପ୍ରବାହ ହେବ। ଦେଶର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ। ଭାରତର ପଶ୍ଚିମ ଦ୍ୱୀପପୁଞ୍ଜ, ପୂର୍ବ-କେନ୍ଦ୍ରୀୟ ଏବଂ ପୂର୍ବ ଭାରତର କିଛି ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକ ରହିବ। ଏପ୍ରିଲରେ ଦକ୍ଷିଣ ଦ୍ୱୀପପୁଞ୍ଜ, ଉତ୍ତର-ପଶ୍ଚିମ ଭାରତର କିଛି ଅଞ୍ଚଳରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକ ରହିବା ସହିତ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ପାରଦ ସ୍ୱାଭାବିକରୁ ଅଧିକ ରହିବ। ଏପ୍ରିଲରୁ ଜୁନ୍ ମଧ୍ୟରେ ଉତ୍ତର ଭାରତ, ପୂର୍ବ ଦ୍ୱୀପପୁଞ୍ଜ, କେନ୍ଦ୍ରୀୟ ଅଞ୍ଚଳ, ପୂର୍ବ ଭାରତ ଏବଂ ଉତ୍ତର-ପଶ୍ଚିମ ଭାରତର ଅନେକ ଅଞ୍ଚଳରେ ଗ୍ରୀଷ୍ମଲହରୀ ଲାଗି ରହିବ। ଚଳିତ ମାସରେ ପୂର୍ବ ଭାରତ, କେନ୍ଦ୍ରୀୟ ଭାରତରେ ଗ୍ରୀଷ୍ମପ୍ରବାହ ଦିନ ସଂଖ୍ୟା ଅଧିକ ରହିବା ସମ୍ଭାବନା ରହିଛି। ଏପ୍ରିଲରୁ ଜୁନ ମଧ୍ୟରେ ଉତ୍ତର-ପଶ୍ଚିମ ଭାରତର କିଛି ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ରହିବା ସହିତ ଅବଶିଷ୍ଟ ସ୍ଥାନରେ ତାପମାତ୍ରା ସ୍ୱାଭାବିକରୁ ଅଧିକ ରହିବ ବୋଲି ଆକଳନ କରାଯାଇଛି। ଦେଶରେ ବର୍ଷା ସ୍ୱାଭାବିକ ରହିବ। ଉତ୍ତର-ପଶ୍ଚିମ, ଉତ୍ତର-ପୂର୍ବ, ପଶ୍ଚିମ-କେନ୍ଦ୍ରୀୟ ଭାରତରେ ବର୍ଷା ପରିମାଣ ସ୍ୱାଭାବିକ କିମ୍ବା ସ୍ୱାଭାବିକରୁ ଅଧିକ ରହିପାରେ। ଅବଶିଷ୍ଟ ଅଞ୍ଚଳରେ ବର୍ଷା ସ୍ୱାଭାବିକଠାରୁ କମ ରହିପାରେ ବୋଲି ଆଇଏମଡି ଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି ସ୍ୱାଭାବିକଠାରୁ



ଅଧିକ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବାକୁ ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ରାଜସ୍ଥାନ, ଗୁଜରାଟ, ହରିୟାଣା, ପଞ୍ଜାବ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା, ଛତିଶଗଡ଼, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ କର୍ଣ୍ଣାଟକର ଉତ୍ତର ଅଂଶ ଏବଂ ତାମିଲନାଡୁ ଅନ୍ତର୍ଭୁକ୍ତ ରହିଛି। ଦେଶର ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ। ଉତ୍ତର-ପଶ୍ଚିମ ଏବଂ ଉତ୍ତର-ପୂର୍ବର କିଛି ସ୍ଥାନ ବ୍ୟତୀତ ଯେଉଁଠାରେ ତାପମାତ୍ରା ସ୍ୱାଭାବିକ କିମ୍ବା ସାମାନ୍ୟ କମ ହୋଇପାରେ। ଅନ୍ୟପକ୍ଷରେ ଗତ କିଛିଦିନ ହେଲା, ରାଜ୍ୟରେ ଗ୍ରୀଷ୍ମପ୍ରବାହ ଲାଗି ରହିଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୪୦ଡିଗ୍ରୀ ଅତିକ୍ରମ କରିଥିବା ବେଳେ ଭୁବନେଶ୍ୱରରେ ପାରଦ ୪୦ଡିଗ୍ରୀ ଟପିଥିଲା। ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ଝଡ଼ ବର୍ଷା ସମ୍ଭାବନା ରହିଛି। ଏହାଫଳରେ ତାପମାତ୍ରା କମିବା ସମ୍ଭାବନା ରହିଛି। ଦକ୍ଷିଣ ଛତିଶଗଡ଼ ଏବଂ ମଧ୍ୟ ମହାରାଷ୍ଟ୍ର, ବିଦର୍ଭ ମଧ୍ୟରେ ଏକ ନିମ୍ନଚାପରେଖା ଏବଂ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ଜନିତ ବଜ୍ରପାତ ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ବୌଦ୍ଧ ଏବଂ ଅନୁଗୋଳ ଜିଲାରେ ବଜ୍ରପାତ ସହିତ ଝଡ଼ବର୍ଷା ହୋଇପାରେ। କିଛି ଅଞ୍ଚଳରେ ଘଣ୍ଟାପ୍ରତି ୩୦ରୁ ୪୦କି.ମି ବେଗରେ ପବନ ବହିବ। ଏଥିପାଇଁ ଉପରୋକ୍ତ ଜିଲାଗୁଡ଼ିକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଦେଶରେ ଗଢ଼ିବ ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍



ନୂଆଦିଲ୍ଲୀ,୧/୪: ଭାରତରେ ଗଡିବ ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍। ଏଭଳି ଏକ ସୂଚନା ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ଦିଲ୍ଲୀ ଡିଭିଜନର ୮୯ କିଲୋମିଟର ରୁଟ୍‌ରେ (ହରିଆଣା ଜିନ୍ଦ୍-ସୋନିପତ୍ ରୁଟ୍)ରେ ପ୍ରଥମ ଥର ପାଇଁ ଏହି ହାଇଡ୍ରୋଜେନ୍ ଟ୍ରେନ୍ ଗଡ଼ିବ। ତେବେ ଏହି ହାଇଡ୍ରୋଜେନ୍ ଟ୍ରେନ୍‌ରେ ମୋଟ ୮ଟି ଯାତ୍ରୀବାହୀ କୋଚ୍ ରହିବ। ଯେଉଁଥିରେ ଏକସଙ୍ଗରେ ୨୬୩୮ ଯାତ୍ରୀ ଯାତ୍ରା କରିପାରିବେ। ଯାତ୍ରୀବାହୀ କୋଚ୍ ଛଡା ଅନ୍ୟ ୨ଟି କୋଚ୍ ହାଇଡ୍ରୋଜେନ୍ ସିଲିଣ୍ଡର ପାଇଁ ଉଦ୍ଦିଷ୍ଟ ରହିବ। ପ୍ରକାଶ, ଚେନ୍ନାଇ ଇଣ୍ଟେଗ୍ରାଲ କୋଚ୍ ଫ୍ୟାକ୍ଟ୍ରିରେ ଏହାର କାମ ଚାଲୁ ରହିଛି। ତେବେ ଏହି ହାଇଡ୍ରୋଜେନ୍ ଟ୍ରେନର ସର୍ବାଧିକ ଗତି ଘଣ୍ଟାପ୍ରତି ୧୧୦ କିଲୋମିଟର ରହିବ ବୋଲି କୁହାଯାଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଜର୍ମାନୀରେ ଏହି ହାଇଡ୍ରୋଜେନ୍ ଟ୍ରେନ୍‌ର ୨ଟି ବଗି ଟ୍ରାକ୍‌ରେ ଗଡୁଥିବା ବେଳେ ଅନ୍ୟ କେଉଁଠି ଏହି ଅଭିଯାନ ସଫଳ ହୋଇନାହିଁ। ତେବେ ଏହି ହାଇଡ୍ରୋଜେନ୍ ଟ୍ରେନ୍ ପ୍ରକ୍ରିୟା ଯଦି ସଫଳ ହୁଏ ତେବେ ଏହା ଶବ୍ଦ ପ୍ରଦୂଷଣକୁ କମ୍ କରିବ ଅର୍ଥାତ ଏହାର ହର୍ଣ୍ଣ ଖୁବ କମ୍ ଅଟେ। ଏହି ଟ୍ରେନ୍ ଥରକେ ୧୪୦ କିମି ଘଣ୍ଟା ପ୍ରତି ବେଗରେ ୧୦୦୦ କିଲୋମିଟର ଯାଏଁ ଚାଲିବ।

## ୩ ଘଣ୍ଟା ଏସ୍‌ବିଆଇ ଡିଜିଟାଲ୍ ସେବା ଠପ୍

ନୂଆଦିଲ୍ଲୀ, ୧/୪: ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ଅନେକ ଗ୍ରାହକ ଡିଜିଟାଲ୍ କାରବାର କରିବା ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ୟୁପିଆଇ ପେମେଣ୍ଟ, ଅନଲାଇନ୍ ବ୍ୟାଙ୍କିଂ ଏବଂ କାର୍ଡ କାରବାରରେ ଅସୁବିଧା ହେଉଥିବାରୁ ଏହି ବାଧା ଉପଭୋକ୍ତାମାନଙ୍କୁ ହତାଶ କରିଦେଇଛି। ଅନେକ ଗ୍ରାହକ ସୋସିଆଲ ମିଡିଆରେ ସେମାନଙ୍କର ସମସ୍ୟା ବିଷୟରେ ଲେଖିଛନ୍ତି। ଅନେକ ଅତ୍ୟାବଶ୍ୟକୀୟ ଜିନିଷ ପାଇଁ ଦେୟ ଦେଇ ନପାରିବା, ଟିକେଟ୍ ବୁକ୍ କରି ନପାରିବା କିମ୍ବା ଜରୁରୀ ଆର୍ଥିକ କାରବାର କରି ନପାରିବା ବିଷୟରେ ଅଭିଯୋଗ କରିଛନ୍ତି। କିଛି ବ୍ୟବହାରକାରୀ ଏହା ମଧ୍ୟ ଦର୍ଶାଇଛନ୍ତି ଯେ ଏସ୍‌ବିଆଇର ସିଷ୍ଟମଗୁଡ଼ିକ ପ୍ରାୟତଃ ଦରକାର ସମୟରେ ଏହିଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ଯାହା ବ୍ୟାଙ୍କର ଡିଜିଟାଲ୍ ଭିତ୍ତିଭୂମି ଉପରେ ଚିନ୍ତା ସୃଷ୍ଟି କରେ। ଏହି ସମୟରେ, ଏସ୍‌ବିଆଇ ଏକ ବିଜ୍ଞପ୍ତି ଜାରି କରିଛି ଯେ ଆର୍ଥିକ ବର୍ଷ ଶେଷ ବନ୍ଦ କାର୍ଯ୍ୟକଳାପ ଯୋଗୁଁ ଗ୍ରାହକମାନେ ଡିଜିଟାଲ୍ ସେବାରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। "ବାର୍ଷିକ ବନ୍ଦ କାର୍ଯ୍ୟକଳାପ ଯୋଗୁଁ, ଆମର ଡିଜିଟାଲ୍ ସେବାଗୁଡ଼ିକ ଆମର ସମ୍ମାନନୀୟ ଗ୍ରାହକମାନଙ୍କ ପାଇଁ ୦୧.୦୪.୨୦୨୫ ଦିନ ଅପରାହ୍ନ ୦୧:୦୦ ରୁ ୦୪:୦୦ ମଧ୍ୟରେ ଉପଲବ୍ଧ ହେବ ନାହିଁ। ଆମେ ଆପଣଙ୍କୁ ନିରବଚ୍ଛିନ୍ନ ସେବା ପାଇଁ ୟୁପିଆଇ ଲାଇଟ୍ ଏବଂ ଏଟିଏମ୍ ଚ୍ୟାନେଲ ବ୍ୟବହାର କରିବାକୁ ଅନୁରୋଧ କରୁଛୁ"।

## ସମୃଦ୍ଧ ଓଡ଼ିଶାର ଶକ୍ତି ଓଡିଆ ଅସ୍ମିତା




ଭୁବନେଶ୍ୱର,୧/୪: ଓଡ଼ିଆ ପକ୍ଷ ପାଳନ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି, ୧ ଏପ୍ରିଲ୍ 'ଓଡ଼ିଶା ଦିବସ' ଠାରୁ ୧୪ ଏପ୍ରିଲ୍ 'ଓଡ଼ିଆ ନବବର୍ଷ' ପର୍ଯ୍ୟନ୍ତ ଏହି ୧୪ ଦିନ ଆମେ 'ଓଡ଼ିଆ ପକ୍ଷ' ଭାବେ ପାଳନ କରୁଛୁ। ଏହି ପକ୍ଷର ପ୍ରତ୍ୟେକ ମୁହୂର୍ତ୍ତ ସବୁ ଓଡ଼ିଆଙ୍କ ପାଇଁ ସ୍ୱାଭିମାନ, ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ନେଇ ପ୍ରେରଣାର ସମୟ ହେଉ। ଓଡ଼ିଆ ପର୍ବ ହେଉ ଆମ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ, ନୃତ୍ୟ, ସଙ୍ଗୀତ ଓ ସଂସ୍କୃତିର ଉତ୍ସବ। ଏହି ସମୟ ମଧ୍ୟରେ ଯେଉଁ ମହାପୁରୁଷ ଓ ମହିୟସୀମାନଙ୍କ ତ୍ୟାଗ ଓ ବଳିଦାନ ଯୋଗୁଁ ୧୯୩୬ ମସିହାରେ ଖଣ୍ଡ ବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ ସମ୍ଭବ ହୋଇଥିଲା, ସେହି ବିନ୍ଧାଣୀମାନଙ୍କୁ ସ୍ମରଣ କରିବା ଓ ସମ୍ମାନ ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହୁରି କହିଛନ୍ତି, ଓଡ଼ିଆ ନବବର୍ଷ ଏବଂ ମହାବିଷୁବ ସଂକ୍ରାନ୍ତି ହେଉ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ନୂଆ ଉଦ୍ୟମ, ନୂଆ ସଂକଳ୍ପ ଓ ବିକଶିତ ଓଡ଼ିଶାର ନୂତନ ଅବସର। ମନ, ପ୍ରାଣ, ହୃଦୟରେ ଓଡ଼ିଆ ହେବା। ଓଡ଼ିଆ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ ଏବଂ ସଂସ୍କୃତିକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏକ ସ୍ୱାଭିମାନୀ ଓଡ଼ିଶା ଗଢ଼ିବା।ଉତ୍ସାହର ସହିତ ଗାଁ, ସହର ଓ ପ୍ରତ୍ୟେକ ଘରେ ୧ ଏପ୍ରିଲ୍ ?ରୁ ୧୪ ଏପ୍ରିଲ୍ ଯାଏଁ 'ଓଡ଼ିଆ ପକ୍ଷ' ପାଳନ କରିବା। ଏହି ସମୟ ମଧ୍ୟରେ ଯେଉଁ ମହାପୁରୁଷ ଓ ମହିୟସୀମାନଙ୍କ ତ୍ୟାଗ ଓ ବଳିଦାନ ଯୋଗୁଁ ୧୯୩୬ ମସିହାରେ ଖଣ୍ଡ ବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ ସମ୍ଭବ ହୋଇଥିଲା, ସେହି ବିନ୍ଧାଣୀମାନଙ୍କୁ ସ୍ମରଣ କରିବା ଓ ସମ୍ମାନ ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହୁରି କହିଛନ୍ତି, ଓଡ଼ିଆ ନବବର୍ଷ ଏବଂ ମହାବିଷୁବ ସଂକ୍ରାନ୍ତି ହେଉ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ନୂଆ ଉଦ୍ୟମ, ନୂଆ ସଂକଳ୍ପ ଓ ବିକଶିତ ଓଡ଼ିଶାର ନୂତନ ଅବସର। ମନ, ପ୍ରାଣ, ହୃଦୟରେ ଓଡ଼ିଆ ହେବା। ଓଡ଼ିଆ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ ଏବଂ ସଂସ୍କୃତିକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏକ ସ୍ୱାଭିମାନୀ ଓଡ଼ିଶା ଗଢ଼ିବା।ଉତ୍ସାହର ସହିତ ଗାଁ, ସହର ଓ ପ୍ରତ୍ୟେକ ଘରେ ୧ ଏପ୍ରିଲ୍ ?ରୁ ୧୪ ଏପ୍ରିଲ୍ ଯାଏଁ 'ଓଡ଼ିଆ ପକ୍ଷ' ପାଳନ କରିବା। ସେପଟେ ରାଜ୍ୟର ବିଭିନ୍ନ ସ୍ଥାନରେ ମହା ସମାରୋହରେ ପାଳିତ ହୋଇଛି ଓଡ଼ିଶା ଦିବସ । ସକାଳେ ରାଜଭବନ ଛକସ୍ଥିତ ଉତ୍କଳ ଗୌରବ ମଧୁସୂଦବନ ଦାସଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରିଥିଲେ । ଅନ୍ୟପଟେ ନୂଆଦିଲ୍ଲୀର ଜବାହାରଲାଲ ନେହରୁ ଷ୍ଟାଡିୟମରେ ଆୟୋଜିତ ଭବ୍ୟ ଉତ୍ସବରେ ଓଡ଼ିଶା ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ରମନ୍ତ୍ରୀମାନେ ସାମିଲହୋଇ ଓଡ଼ିଶାର ବରପୁତ୍ରଙ୍କ ସ୍ମୃତିଚାରଣ କରିଥିଲେ । ଏହା ପୂର୍ବରୁ ଆଜି ଦିଲ୍ଲୀର ହଜଖସ୍ ଜଗନ୍ନାଥ ମନ୍ଦିର ଦର୍ଶନ ସହ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇ ଦିଲ୍ଲୀର ସରକାରୀ କ୍ୟାଲେଣ୍ଡରରେ ଓଡିଶା ଦିବସ ସ୍ଥାନ ପାଇବ ବୋଲି ଘୋଷଣା କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା । ଅନ୍ୟପଟେ ପବିତ୍ର ଓଡ଼ିଶା ଦିବସରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟପାଳ ପ୍ରମୁଖ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଟ୍ରମ୍ପ୍‌ଙ୍କ 'ବୋମା ବର୍ଷା' ଧମକ ଉପରେ ଇରାନ୍‌ର ପାଲଟା ଜବାବ



ୱାଶିଂଟନ୍:,୧/୪: ଯଦି ଇରାନ୍ ଆଣବିକ ଚୁକ୍ତିକୁ ନେଇ ସହମତି ପ୍ରକାଶ କରିବ ନାହିଁ, ତେବେ ଇରାନ୍ ଉପରେ ବୋମା ବର୍ଷିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଧମକ୍ ଦେବା ପରେ ଏହା ଉପରେ ଇରାନ୍ ମଧ୍ୟ କଡା ଜବାବ ଦେଇଛି। ଇରାନ୍ କହିଛି, କେବଳ ଆମେରିକା ପାଖରେ ବୋମା ନାହିଁ, ଆମ ପାଖରେ ମଧ୍ୟ ମିସାଇଲ୍ ଅଛି। ଆମେ ବି ମିସାଇଲ ଓ ବୋମା ବର୍ଷା କରିପାରିବୁ। ସୁତରାଂ ଆମେରିକା ଇରାନ୍ ?କୁ ନାଲିଆଖି ଦେଖାଇବା ଆବଶ୍ୟକ ନାହିଁ। ପୂର୍ବତନ ପୋଷ୍ଟରେ ଥିବା ଇରାନୀ ସେନା କହିଛି ଯେ, ଯଦି ଆମେରିକା ପକ୍ଷରୁ ଗୋଟିଏ ବି ବୋମା କିମ୍ବା କ୍ଷେପଣାସ୍ତ୍ର ଭୂମିରେ ମାଡ଼ହୁଏ ତେବେ ଏଥିପାଇଁ ଆମେରିକାକୁ ବହୁମୂଲ୍ୟ ଦେବାକୁ ହେବ। ଇରାନର କ୍ଷେପଣାସ୍ତ୍ରଗୁଡ଼ିକୁ ସମସ୍ତ ଭୂତଳ କ୍ଷେପଣାସ୍ତ୍ର ସହରଗୁଡ଼ିକରେ ଲଞ୍ଚରଗୁଡ଼ିକରେ ଲୋଡ କରାଯାଇଛି। ଏସବୁ ଲଞ୍ଚ୍ କରାଯିବା ପାଇଁ ପ୍ରସ୍ତୁତ ହୋଇ ରହିଛି। ଅନ୍ୟପକ୍ଷେ ତେହେରାନ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ଇରାନର ଭୂତଳ ସହରଗୁଡ଼ିକରେ ଲଞ୍ଚ କରିବାକୁ ପ୍ରସ୍ତୁତ କ୍ଷେପଣାସ୍ତ୍ର ସଂଖ୍ୟା ବହୁତ ଅଧିକ। ନିକଟରେ, ଇରାନ ଏହାର ଭୂତଳ କ୍ଷେପଣାସ୍ତ୍ର ସହରର ଏକ ଭିଡିଓ ମଧ୍ୟ ଜାରି କରିଛି। ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ ପରମାଣୁ କାର୍ଯ୍ୟକ୍ରମ ଉପରେ ଟ୍ରମ୍ପଙ୍କ ସହ ସିଧାସଳଖ କୌଣସି ଆଲୋଚନା କରିବାକୁ ମନା କରିଦେଇଛନ୍ତି। କିନ୍ତୁ ଓମାନ୍‌ର ମଧ୍ୟସ୍ଥତା ଭିତ୍ତିରେ ଆଲୋଚନା ସମ୍ଭବ ବୋଲି ସେ କହିଥିଲେ। ଏସମ୍ପର୍କରେ ସେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ?ଙ୍କୁ ଏକ ଉତ୍ତର ପତ୍ର ମଧ୍ୟ ପଠାଇଥିଲେ। ତେବେ ଆଣବିକ ଚୁକ୍ତି ସମ୍ପର୍କରେ ଇରାନ୍‌ର ଏପ୍ରକାର ସିଧାସଳଖ ମନା କରିବାକୁ ଟ୍ରମ୍ପ୍ ସହଜରେ ଗ୍ରହଣ କରିନପାରି କିଛି ଧମକ ଦେଇଥିଲେ। ରବିବାର ଟ୍ରମ୍ପ ଇରାନ୍‌କୁ ଧମକ ଦେଇ କହିଥିଲେ ଯେ ଯଦି ଏହା ଏହାର ପରମାଣୁ କାର୍ଯ୍ୟକ୍ରମ ଉପରେ ୱାଶିଂଟନ ସହିତ ଏକ ଚୁକ୍ତିରେ ନ ପହଞ୍ଚେ ତେବେ ଏହା ଉପରେ ଦ୍ୱିତୀୟ ବର୍ଦ୍ଧିତ ଶୁଳ୍କ ଲାଗୁ କରାଯିବ ଅର୍ଥାତ୍ ଇରାନକୁ କଠୋର ଆର୍ଥିକ କଟକଣାର ସାମ୍ନା କରିବାକୁ ପଡ଼ିବ ଏବଂ ତେହେରାନ ଉପରେ ବୋମା ମାଡ଼ କରାଯିବ। ଟ୍ରମ୍ପ୍ ଏହାମଧ୍ୟ କହିଥିଲେ ଯେ, ଏହି ବୋମା ମାଡ଼ ଏପରି ହେବ... ଯାହା ସେମାନେ (ଇରାନ) ପୂର୍ବରୁ କେବେ ଦେଖିନଥିବେ। ଇରାନ୍ ପାଖରେ ଏବେ ବି ଏକ ସୁଯୋଗ ଅଛି। ଏହାର ଜବାବରେ ଇରାନ୍ ମଧ୍ୟ ପାଲଟା ଜବାବ ଦେଇଛି। ଟ୍ରମ୍ପ୍ ନିଜର ପ୍ରଥମ କାର୍ଯ୍ୟକାଳ ଅର୍ଥାତ୍ ୨୦୧୮ରେ ଇରାନ୍ ପରମାଣୁ ଚୁକ୍ତିରୁ ଆମେରିକାକୁ ପୃଥକ୍ କରିଦେଇଥିଲେ। ଏହି ଚୁକ୍ତି ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ କଠୋର ପ୍ରତିବନ୍ଧକ ଲଗାଉଥିଲା। ଟ୍ରମ୍ପ୍‌ଙ୍କ ପଦକ୍ଷେପ ଫଳରେ ଇରାନକୁ ଆର୍ଥିକ ପ୍ରତିବନ୍ଧକରୁ ମୁକ୍ତି ମିଳିଥିଲା। ଏହା ପରେ ଟ୍ରମ୍ପ୍ ଇରାନ ଉପରେ ପୁନର୍ବାର କଡ଼ା ପ୍ରତିବନ୍ଧକ ଲଗାଇବାରୁ ଇରାନର ଆର୍ଥିକ ସଙ୍କଟ ପୁଣି ଥରେ ବଢ଼ିଯାଇଥିଲା। ଏସବୁ ମଧ୍ୟରେ ଦୁଇ ରାଷ୍ଟ୍ର ମଧ୍ୟରେ ଅନ୍ୟ ଏକ କାରଣରୁ ମଧ୍ୟ ଉତ୍ତେଜନା ବୃଦ୍ଧି ପାଇଛି। ଗାଜାରେ ଇସ୍ରାଏଲ-ହମାସ ସଂଘର୍ଷରେ ଇରାନ-ସମର୍ଥିତ ଗୋଷ୍ଠୀର ନେତାମାନଙ୍କ ଉପରେ ମଧ୍ୟ ଆକ୍ରମଣ ହୋଇଥିଲା। ବର୍ତ୍ତମାନ, ଆମେରିକା ୟେମେନରେ ହୁତୀ ବିଦ୍ରୋହୀଙ୍କ ବିରୁଦ୍ଧରେ ବିମାନ ଆକ୍ରମଣ କରୁଛି। ଇରାନ୍ ହୁତ୍ରୀ ବିଦ୍ରୋହୀଙ୍କୁ ସମର୍ଥନ କରିଥାଏ। ସେହିପରି ଇରାନ ଏକତରଫା ଭାବେ ଜାରି ରଖିଥିବା ନିଜ ପରମାଣୁ କାର୍ଯ୍ୟକ୍ରମକୁ ମଧ୍ୟ ଆମେରିକା ବିରୋଧ କରିଆସୁଛି।

## ୨ ସପ୍ତାହ ଭିତରେ ଲାଗୁ ହେବ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା'

ଭୁବନେଶ୍ୱର,୧/୪: ଆଗାମୀ ଦୁଇ ସପ୍ତାହ ଭିତରେ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହେବ। ଏନେଇ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ସେ କହିଛନ୍ତି, ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଲାଗୁ ହେଲେ ଓଡ଼ିଶାର ୩ କୋଟି ୫୨ ଲକ୍ଷ ଲୋକ ଉପକୃତ ହେବେ। ରାଜ୍ୟ ଓ ରାଜ୍ୟ ବାହାରର ୨୯ ହଜାର ଡାକ୍ତରଖାନାରେ ଏହି ଯୋଜନା ଲୋକେ ମାଗଣାରେ ଚିକିତ୍ସା ସୁବିଧା ପାଇପାରିବେ। ପୂର୍ବ ବିଜେଡି ସରକାର ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିନଥିଲେ। ସେତେବେଳେ ମାତ୍ର ୯୦୦ ଡାକ୍ତରଖାନାରେ ଚିକିତ୍ସା ସୁବିଧା ମିଳୁଥିଲା ହେଲେ ଏବେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା(ଜିଜେଏୱାଇ) ସହ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାର ମିଶ୍ରଣ ହେବା ଫଳରେ ରାଜ୍ୟ ଓ ରାଜ୍ୟ ବାହାରର ୨୯ ହଜାର ଡାକ୍ତରଖାନାରେ ଲୋକେ ମାଗଣା ଚିକିତ୍ସା ସୁବିଧା ପାଇପାରିବେ। ଆଜି କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଜନ୍ମମାଟି କଟକ ଜିଲ୍ଲା ସତ୍ୟଭାମାପୁରରେ ଉତ୍କଳ ଦିବସ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗ ଆଇନ, ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ବିଜେପି ନେତା ତଥା ପ୍ରଖ୍ୟାତ ଅଭିନେତା ଅରିନ୍ଦମ ରାୟ ମଧ୍ୟ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଏହା କେନ୍ଦ୍ର ସରକାରଙ୍କ ଯୋଜନା ହୋଇଥିବାରୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି ନଡ୍ଡାଙ୍କ ଓଡ଼ିଶା ଗସ୍ତ ଅବସରରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ ହେବ ବୋଲି ଆଲୋଚନା ହେଉଛି।ରାଜ୍ୟରେ ଚାଲୁଥିବା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା(ଜିଜେଏୱାଇ) ସହ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାର ମିଶ୍ରଣ ହୋଇଛି।

# ଚୈତ୍ର ତାତିଠୁ ବଳିଯାଉଛି ଟାଟା ପାୱାରର ତାଉ

## ରାଜ୍ୟର କୋଣ ଅନୁକୋଣରେ ଉତ୍କଟ ବିଜୁଳି ସମସ୍ୟା

ଭୁବନେଶ୍ୱର, ୧/୪: ତାତିର ତାଉ ବଢୁଥିବା ବେଳେ ଲୋକଙ୍କ ଚିନ୍ତା ବଢାଇଛି ବିଜୁଳି ବିଭ୍ରାଟ । କେଉଁଠି ବାରମ୍ବାର ବିଦ୍ୟୁତ୍ କାଟ୍ ତ କେଉଁଠି ପୁଣି ଲୋ' ଭୋଲଟେଜ୍ ସମସ୍ୟାରେ ଦହଗଞ୍ଜ ହେଉଛନ୍ତି ଲୋକେ। ପୁଣି କେଉଁଠି ଟାଟା ପାୱାରର ବକେୟା ବିଜୁଳି ବିଲ୍ ଆଦାୟ ଚକ୍କରରେ ପୁରା ଗାଁକୁ ଅନ୍ଧାରରେ ରହିବାକୁ ପଡୁଛି । ଯାହାକୁ ନେଇ ଅସନ୍ତୋଷ ଆନ୍ଦୋଳନର ରୂପ ନେଲାଣି । ସହର ହେଉ କି ଗାଁ, ସବୁଠି ସମାନ ଦଶା । ଚୈତ୍ରରେ ଖରାର କୋପଠୁ ବଳି ଗଲାଣି ବିଜୁଳି ବିଭ୍ରାଟ ଜନିତ ସମସ୍ୟା । ଉଦୁଉଦିଆ ଖରାବେଳେ ଝାଞ୍ଜିମାଡ଼ ହେଉ କିମ୍ବା ରାତିର ଗୁଳୁଗୁଳି । ତାତିର ତାଉ ବଢୁ ବଢୁ ରାଜ୍ୟର କୋଣ ଅନୁକୋଣରେ ଦେଖାଗଲାଣି ଉତ୍କଟ ବିଜୁଳି ସମସ୍ୟା । ଏହାର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଛି ନବରଙ୍ଗପୁରର ରାଇଘର ଅଞ୍ଚଳରେ । ଏଠାରେ ଗତକାଲି ଦିନ ୧୨ଟାରୁ ଗାଏବ୍ ହୋଇଯାଇଥିଲା ବିଜୁଳି । ଫଳରେ ବ୍ଲକର ପ୍ରାୟ ୨୬ଟି ପଞ୍ଚାୟତର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସେହିଭଳି ରାଇଘର ଅଞ୍ଚଳରେ ବିଜୁଳି ବିଭ୍ରାଟର ମୂଳ କାରଣ ହେଲା, ଲୋ ଭୋଲଟେଜ୍ ସମସ୍ୟା । ସ୍ଥାନୀୟ ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଏଠାରେ ପ୍ରାୟ ୬ ମାସ ଧରି ଏହି ସମସ୍ୟା ଲାଗି ରହିଛି । ଏଥିପ୍ରତି ବିଦ୍ୟୁତ୍ ବିଭାଗ ଦୃଷ୍ଟି ଦେଉନଥିବାରୁ ଚାଷୀମାନେ ସର୍ଗୁଲି ଛକରେ ପ୍ରାୟ ୩୦ ଘଣ୍ଟା ଧରି ରାସ୍ତାରୋକ ସହ ପ୍ରତିବାଦ କରିଥିଲେ । ଶେଷରେ ପ୍ରଶାସନର ବୁଝାସୁଝା ପରେ ଆଜି ଆନ୍ଦୋଳନ ହଟିଥିଲା । ତେବେ ଚାଷୀଙ୍କୁ ଏପ୍ରିଲ ୬ତାରିଖ ସୁଦ୍ଧା ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ମିଳିଛି । ସେପଟେ ସୁବର୍ଣ୍ଣପୁର ଜିଲ୍ଲାରେ ଟାଟା ପାୱାର ମନମାନି କରୁଥିବା ଅଭିଯୋଗ ହୋଇଛି । ତତଲା କଡ଼େଇରେ ସିଝି ହେଉଥିବା ବୀରମହାରାଜପୁର ବ୍ଲକ ବହଳପଦର ଗ୍ରାମବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଛନ୍ତି । ଲୋକଙ୍କ ଅଭିଯୋଗ ହେଲା, ବିଦ୍ୟୁତ ବିଭାଗ ପକ୍ଷରୁ ବକେୟା ବିଲ୍ ବାବଦକୁ ୨-୨ ହଜାର ଟଙ୍କା ପୈଠ କରିବାକୁ କୁହାଯାଇଥିଲା । ତେବେ ଗାଁ ଲୋକେ ହଜାରେ ଟଙ୍କା ଲେଖାଏଁ ଦେବେ ବୋଲି କହିଥିଲେ । କିନ୍ତୁ, ଏହାକୁ ଗ୍ରହଣ ନକରି ଟାଟା ପାୱାର ପକ୍ଷରୁ ଗତ ୨୯ ତାରିଖ ଦିନ ୧୨ଟାରୁ ସାରା ଗାଁକୁ ବିଜୁଳି ସେବା ବିଚ୍ଛିନ୍ନ କରି ଦିଆଯାଇଥିଲା । ଏହାପରେ ଆନ୍ଦୋଳନକୁ ଓହ୍ଲାଇଥିଲେ ସ୍ଥାନୀୟ ଲୋକେ । ପୋଲିସ୍ ପହଞ୍ଚି ଆନ୍ଦୋଳନକାରୀ ଓ ଟାଟା ପାୱାର ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ପ୍ରାୟ ୨୪ ଘଣ୍ଟା ପରେ ବିଦ୍ୟୁତ ସେବା ସ୍ୱାଭାବିକ ହୋଇଥିଲା । ତେବେ ଏ ନେଇ ଟାଟା ପାୱାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ । ବାଲେଶ୍ୱର ସହର ଉପକଣ୍ଠ ରଣସାହି ଅଞ୍ଚଳରେ ମଧ୍ୟ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଦେଖା ଦେଇଥିଲା ଅନୁରୂପ ସ୍ଥିତି । କିଛି ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲ୍ ବକେୟା ଥିବାରୁ ପୁରା ଗାଁକୁ ସପ୍ତାହେ ଧରି ଅନ୍ଧାରରେ ରହିବାକୁ ପଡ଼ିଥିଲା । ଏଠାରେ ମାର୍ଚ୍ଚ ୧୧ ତାରିଖ ସଂଧ୍ୟାରୁ ବିଜୁଳି ସେବା ବିଚ୍ଛିନ୍ନ ହୋଇଥିବା ବେଳେ ମାର୍ଚ୍ଚ ୧୯ରେ ସ୍ୱାଭାବିକ ହୋଇଥିଲା । କିଛିଦିନ ତଳେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କେଭି ସିଂହଦେଓ ବକେୟା ବିଲ୍ ପାଇଁ ଖରାଦିନେ ବିଦ୍ୟୁତ କାଟ୍ ହେବ ନାହିଁ ବୋଲି ସୂଚନା ଦେଇଥିଲେ । ତା ସତ୍ତ୍ୱେ ବିଭିନ୍ନ ଅଞ୍ଚଳରେ ଏଭଳି ବିଦ୍ୟୁତ କାଟ୍ ଲୋକଙ୍କ ସମସ୍ୟା ବଢ଼ାଇ ଦେଇଛି ।

### ବକେୟା ବିଲ୍ ପାଇଁ ଗାଁ ଅନ୍ଧାର



# ରାତିଅଧରେ ପୁଲିସ ଭ୍ୟାନ୍‌କୁ ପଥରମାଡ଼

## ପୁଲିସ କର୍ମୀ ଆହତ, ବନ୍ଧା ହେଲେ ୬

ଭୁବନେଶ୍ୱର,୧/୪: ରାତି ଅଧରେ ରଣକ୍ଷେତ୍ର ପାଲଟିଲା ଭରତପୁରର ବନଦୁର୍ଗା ବସ୍ତି। ଅଭିଯୁକ୍ତଙ୍କୁ ବାନ୍ଧିବାକୁ ଗଲାବେଳେ ପୁଲିସ କର୍ମଚାରୀଙ୍କ ଉପରେ ଅତର୍କିତ ଆକ୍ରମଣ ହୋଇଛି। ଢେଲାପଥର ମାଡ଼ରେ ପିସିଆର ଭାଙ୍ଗି ଯାଇଛି। ପିସିଆର ଭିତରେ ବସି ନିଜକୁ ସୁରକ୍ଷିତ ମଣୁଥିବା ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଏଭଳି ଏକ ଆକ୍ରମଣ ପାଇଁ ବିଲ୍‌କୁଲ୍ ପ୍ରସ୍ତୁତ ନଥିବା ଭରତପୁର ଥାନା ପୁଲିସ୍ ପାଇଁ ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ମହିଳା ପୁଲିସ ଅଧିକାରୀଙ୍କ ସହ ଦୁଇଜଣ ଆହତ ହୋଇଥିବା ବେଳେ ୬ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସୂଚନା ମୁତାବକ, ଜମିବାଡ଼ି ବିବାଦକୁ ନେଇ ବନଦୁର୍ଗାବସ୍ତିରେ ଦୁଇଭାଇ ସୂର୍ଯ୍ୟ ମହାରଣା ଓ ଅଶୋକଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ରବିବାର ରାତିରେ ଅଶୋକ ବଡ଼ ଭାଇଙ୍କ ପାଖକୁ ଯାଇ ଘରର ଅଧା ଦେବାକୁ ଦାବି କରିଥିଲେ। କଥାକଟାକଟି ହେବା ସହ ଉଭୟଙ୍କ ମଧ୍ୟରେ ବଚସା ଉଗ୍ରରୂପ ନେଇଥିଲା। ଉତ୍‌କ୍ଷିପ୍ତ ହୋଇ ସୂର୍ଯ୍ୟ ଓ ତାଙ୍କ ୨ ପୁଅ ଦୁଇଟି ଖଣ୍ଡା ଧରି ଅଶୋକଙ୍କ ଆଡ଼କୁ ଝପଟି ଆସିଥିଲେ। ପ୍ରାଣ ବିକଳରେ ଅଶୋକ ରାସ୍ତାରେ ଦୌଡ଼ିଥିଲେ। ବାପା-ପୁଅ ମଧ୍ୟ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ପକାଇଥିଲେ। ଅଶୋକଙ୍କ ମୁଣ୍ଡ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସେ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ପଡ଼ିଯିବା ପରେ ବାପ-ପୁଅ ସେଠାରୁ ପଳାଇଥିଲେ। ବସ୍ତି ଲୋକେ ଅଶୋକଙ୍କୁ ଡାକ୍ତରଖାନା ନେଇଥିଲେ। ଏହାକୁ ନେଇ ବସ୍ତିରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୂରା ବସ୍ତି ଦୁଇ ଗୋଷ୍ଠୀ ହୋଇଯିବାରୁ ଛକାପଞ୍ଝା ଲାଗି ରହିଥିଲା। କିଛି ଲୋକ ସୂର୍ଯ୍ୟଙ୍କୁ ଆକ୍ରମଣ ପାଇଁ ଛକି ରହିଥିଲେ। ଖବର ପାଇ ଭରତପୁର ଥାନା ପୁଲିସର ୨ଟି ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଭିଯୁକ୍ତ ସୂର୍ଯ୍ୟ ଓ ୨ପୁଅଙ୍କୁ ଆଣିବା ବେଳେ କିଛି ଲୋକ ପ୍ରତିବାଦ କରିଥିଲେ। କିନ୍ତୁ ପୁଲିସ ଅଭିଯୁକ୍ତଙ୍କୁ ନଛାଡ଼ିବାରୁ ସେମାନେ ଟେକାପଥର ମାଡ଼ କରି ଅଭିଯୁକ୍ତଙ୍କୁ ପୁଲିସ୍ ଠାରୁ ଛଡ଼ାଇ ନେବାକୁ ଚାହିଥିଲେ। କୌଣସି ପରିସ୍ଥିତିରେ ଲୋକମାନେ ଶୁଣିବା ଅବସ୍ଥାରେ ନଥିଲେ। ଚାରିଦିଗରୁ ଢେଲାପଥର ମାଡ଼ ଜାରି ରହିଥିଲା। ଏଭଳି ଆକ୍ରମଣରେ ଥାନାର ଅତିରିକ୍ତ ଇନ୍‌ସ୍‌ପେକ୍ଟର ମାଧବାନନ୍ଦ ବସ୍ତିଆ, ମହିଳା ଏଏସ୍‌ଆଇ ସଂଘମିତ୍ରା କର ଓ ଭ୍ୟାନ୍ ଚାଳକ କାର୍ତ୍ତିକ ବେହେରା ଗୁରୁତର ଆହତ ହୋଇଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ୩ଟି ଭ୍ୟାନ୍ ଓ ଫୋର୍ସ ସେଠାରେ ପହଞ୍ଚି ସ୍ଥିତିକୁ ଆୟତ କରିଥିଲା। ଆହତ ଅଧିକାରୀ ଓ କର୍ମଚାରୀଙ୍କୁ ହସ୍‌ପିଟାଲ୍ ପଠାଇଥିଲା। ଏନେଇ ପୁଲିସ ଏକ ମାମଲା ରୁଜୁକରି ଆଜି ୬ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବନଦୁର୍ଗା ବସ୍ତିର ସୂର୍ଯ୍ୟ ମହାରଣା, ପତ୍ନୀ ଆରତୀ ମହାରଣା, ପୁଅ ମନୋଜ ମହାରଣା, ଅକ୍ଷୟ ମହାରଣା, ରଶ୍ମୀତା ନାୟକ ଓ ଶାସ୍ତ୍ରୀନଗରର ରାକେଶ ନାୟକ। ସେମାନଙ୍କ ନିକଟରୁ ଲୁହା ଛଡ଼, ଠେଙ୍ଗା ଆଦି ମାରଣାସ୍ତ୍ର ଜବତ କରିଛି। ଅଶୋକଙ୍କ ଅଭିଯୋଗ





ହେଉଛି, ଦୁଇଭାଇ ଏକାଠି ରହୁଥିଲେ। ଘର ତିଆରିରେ ଅଶୋକ ଅଧିକ ଅର୍ଥ ଖର୍ଚ୍ଚ କରିଥିଲେ। କିନ୍ତୁ ପରେ ବଡ଼ ଭାଇ ଘରକୁ ମାଡ଼ିବସି ଅଶୋକଙ୍କୁ ବାହାର କରି ଅଶୋକ ଭଡ଼ାଘରେ ରହୁଥିଲେ। କିନ୍ତୁ ଭାଗ ପାଇଁ ବସ୍ତି ମୁରବିଙ୍କଠାରୁ ଆରମ୍ଭ କରି ଥାନା ପର୍ଯ୍ୟନ୍ତ ଧାଉଁଥିଲେ। ସୂର୍ଯ୍ୟ କାହା କଥାକୁ ଶୁଣି ନଥିଲେ। ଏହାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିଲା। ଭରତପୁର ଥାନାରେ ଆପୋସ ବୁଝାମଣା ପରେ ସୂର୍ଯ୍ୟ ଅଧା ଛାଡ଼ିବାକୁ ରାଜି ହୋଇଥିଲେ। ହେଲେ ଥାନାରୁ ଆସିବା ପରେ ସୂର୍ଯ୍ୟଙ୍କ ନିଷ୍ପତ୍ତି ବଦଳି ଯାଇଥିଲା।

## ସରକାରଙ୍କ ଅବହେଳା ପାଇଁ ବିପଦରେ ବନବାସୀ'



ଭୁବନେଶ୍ୱର,୧/୪: ଜଙ୍ଗଲ ଅଧିକାର-୨୦୦୬କୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓଡ଼ିଶା ସରକାର ବିଫଳ ହେଇଥିବାରୁ ଆଦିବାସୀ ଓ ବନବାସୀ ବିପଦର ସମ୍ମୁଖୀନ ହୋଇଛନ୍ତି। ଓଡ଼ିଶା ସରକାରଙ୍କ ଅବହେଳା ଯୋଗୁ ଏମାନେ ଜଙ୍ଗଲରୁ ବିତାଡ଼ିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କରନ୍ତୁ ବୋଲି କହିଛି 'ମର୍ଯ୍ୟାଦାର ସହ ବଞ୍ଚିବାର ଅଭିଯାନ (ସିଏସ୍‌ଡି)'। ସରକାରୀ ରିପୋର୍ଟ ଦର୍ଶାଉଛି ଯେ ୩୧ ଡିସେମ୍ବର ୨୦୨୪ ସୁଦ୍ଧା ଜଙ୍ଗଲ ଅଧିକାର ଦାବିର ନାକଚ୍ ସଂଖ୍ୟା ୧୪ ଲକ୍ଷ ୪ ହଜାର ୧୦୪ ଥିଲା। ଏହା ଫେବ୍ରୁଆରି ୨୦୧୯ର ରିପୋର୍ଟ ସହିତ ସମାନ। ସେତେବେଳେ ସୁପ୍ରିମକୋର୍ଟ ନାକଚ୍ କରାଯାଇଥିବା ଦାବିର ସମୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ୨୦୧୯ ପରଠାରୁ କୌଣସି ସମୀକ୍ଷା ହୋଇନାହିଁ। ସରକାରଙ୍କ ଏହି ଭୂମିକା ଜଙ୍ଗଲକୁ ସୁରକ୍ଷା ଦେଉଥିବା ଗ୍ରାମସଭା ଓ ସମ୍ପ୍ରଦାୟର କ୍ଷମତାକୁ ଦୁର୍ବଳ କରିବା; ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ, ଘରୋଇ ସଂସ୍ଥା ଏବଂ ଜଙ୍ଗଲ ମାଫିଆଙ୍କ ଦ୍ୱାରା ଜଙ୍ଗଲ ନଷ୍ଟ କରିବାକୁ ଅନୁମତି ଦେବା ପାଇଁ ଉଦ୍ଦିଷ୍ଟ ବୋଲି ରେଡ୍‌କ୍ରସ୍ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଏସ୍‌ଡି ରାଜ୍ୟ ଆବାହକ ମଣ୍ଡଳୀ ସଦସ୍ୟ ବିରଞ୍ଚି ବରିହା, ନରେନ୍ଦ୍ର ମହାନ୍ତି, ଲୋକଶକ୍ତି ଅଭିଯାନର ପ୍ରଫୁଲ୍ଲ ସାମନ୍ତରା, ଜଙ୍ଗଲ ଅଧିକାର ଆନ୍ଦୋଳନର ବିଷ୍ଣୁ ପୂର୍ତ୍ତି, ମଦନ ମାରାଣ୍ଡି, ସନ୍ଦୀପ ପଟ୍ଟନାୟକ, ଅରୁଣ ଦିହୁଡ଼ି ପ୍ରମୁଖ ଅଭିଯୋଗ କରିଛନ୍ତି। ମାମଲାକୁ ଖାରଜ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହିତ ମିଳିତ ଭାବେ ହସ୍ତକ୍ଷେପ କରିବା ପାଇଁ ସେମାନେ ଦାବି କରିଛନ୍ତି।

# ଅସାମାଜିକଙ୍କ କବ୍‌ଜାରେ ସଂସ୍କୃତିଭବନ ପରିସର

## ଜମୁଛି ମଦ ଆସର, ସଂସ୍କୃତି ଭବନକୁ ଯିବାକୁ ଡରୁଛନ୍ତି କର୍ମଚାରୀ

ଭୁବନେଶ୍ୱର,୧/୪: ସଂସ୍କୃତି ଭବନ ପରିସରରେ ଅପସଂସ୍କୃତି। ଅସାମାଜିକ ବ୍ୟକ୍ତି ମଦ, ଗଞ୍ଜେଇ, ବ୍ରାଉନ୍‌ସୁଗାର ଠାରୁ ଆରମ୍ଭ କରି ଯାବତୀୟ ନିଶାଦ୍ରବ୍ୟ ସେବନ କରୁଛନ୍ତି। ସଂସ୍କୃତି ବିଭାଗ ଫାଟକଠାରୁ ଭଞ୍ଜକଳାମଣ୍ଡପ ଓ ସଂସ୍କୃତି ଭବନ ଚାରିପାଖରେ ଖୋଲାଖୋଲି ଭାବରେ ଚାଲିଛି ନିଶା ସେବନ। ଦିନରୁ ରାତି ଯାଏ ଏମାନଙ୍କର ଉତ୍ପାତ ଅଭାବନୀୟ ସ୍ଥିତି ସୃଷ୍ଟି କରିଛି। ଅସାମିଜଙ୍କ ଦୌରାତ୍ମ୍ୟରେ ସଂସ୍କୃତି ବିଭାଗରେ କାମ କରୁଥିବା କର୍ମଚାରୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏମିତିକି ଭଞ୍ଜକଳାମଣ୍ଡକୁ ବିଭିନ୍ନ କାର୍ଯ୍ୟକ୍ରମରେ ଆସୁଥିବା ଲୋକେ ମଧ୍ୟ ଅପ୍ରୀତିକର ପରିସ୍ଥିତିର ସାମନା କରୁଛନ୍ତି। ଏଥିପ୍ରତି ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଚୁପ୍ ଥିବା ବେଳେ ପୁଲିସ ମଧ୍ୟ ନିଦା ବିଷ୍ଣୁ ସାଜିଛି। ଭଞ୍ଜକଳାମଣ୍ଡପ ଓ ସଂସ୍କୃତି ଭବନ ମଝିରେ ଥିବା ସ୍ଥାନରେ ସକାଳୁ ରାତି ଯାଏ କିଛି ଅସାମିଜ ଲୋକ ଆଡ୍ଡା ଜମାଉଛନ୍ତି। ଯାହାଦ୍ୱାରା ସଂସ୍କୃତି ଭବନରେ କାମ କରୁଥିବା ମହିଳା କର୍ମଚାରୀମାନେ ଯିବାଆସିବାକୁ ଭୟ କରୁଛନ୍ତି। ଆଶ୍ଚର୍ଯ୍ୟର କଥା ଅଫିସ ସମୟରେ ଗାଡ଼ି ଉପରେ ବୋତଲ ରଖି ଖୋଲାଖୋଲି ମଦ ପିଉଛନ୍ତି। ଗଞ୍ଜେଇ ଟାଣି ଲୋକଙ୍କ ମୁହଁକୁ ଧୂଆଁ ଛାଡୁଛନ୍ତି। ସନ୍ଧ୍ୟାବେଳେ ଏମାନଙ୍କ ଉତ୍ପାତ ଅଧିକ ବଢ଼ି ଯାଉଛି। ସଂସ୍କୃତି ଭବନ ପଛ ପାଖରେ ବ୍ରାଉନସୁଗାର ସେବନ ହେଉଛି। ଅଧିକ ନିଶା ହୋଇଗଲେ ଲୋକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରୁଛନ୍ତି। ଏମିତିକି ସେହି ବାଟ ଦେଇ ଯାଉଥିବା ଲୋକେ ଯଦି ଖାଲି ଚାହିଁ ଦେଉଛନ୍ତି, ଚିହିଁକି ଉଠୁଛନ୍ତି ଏହି ନିଶାଡ଼ିମାନେ। ପ୍ରାୟତଃ ଭଞ୍ଜକଳାମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ହେଲେ ଏଠାକୁ ଆସୁଥିବା ଅତିଥି, କଳାକାର ଓ ସଂଗଠକମାନେ ଏଥିପାଇଁ ବଡ଼ ସମସ୍ୟାରେ ପଡୁଛନ୍ତି। ମହିଳା କଳାକାରଙ୍କୁ କମେଣ୍ଟ ମରାଠାରୁ ଆରମ୍ଭ କରି ଖରାପ ଶବ୍ଦ ବ୍ୟବହାର କରୁଛନ୍ତି। ସଂସ୍କୃତି ଭବନ ନିକଟରେ ଥିବା ଏକ ଘରେ ନିୟମିତ ଭୋଜି ସାଙ୍ଗକୁ ନିଶା ଆସର ଜମୁଛି। ଏଭଳି ଘଟଣା ମାସ ମାସ ଧରି ଚାଲୁଥିବା ବେଳେ ବିଭାଗୀୟ ଅଧିକାରୀମାନେ ନିଶାଡ଼ିଙ୍କୁ ଭୟ କରୁଛନ୍ତି। କିଛି ଦିନ ତଳେ ବିଭାଗର ମହିଳା କର୍ମଚାରୀମାନେ ଏ ସମ୍ପର୍କରେ ସଚିବଙ୍କୁ ଜଣାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇ ନଥିବା ଜଣାପଡ଼ିଛି। ଅନ୍ୟପଟେ ବଡ଼ଗଡ଼ ପୁଲିସ ଏଠାରେ ପାଟ୍ରୋଲିଂ କରୁନଥିବା ଅଭିଯୋଗ ହୋଇଛି। ସାଧାରଣ ଲୋକଙ୍କ ନୟମିତ ଯା'ଆସ ପାଇଁ ସଂସ୍କୃତି ବିଭାଗ କାର୍ଯ୍ୟାଳୟକୁ ଲୋକସେବା ଭବନ ପରିସରରେ ନ ରଖି ଏଠାରେ ରଖାଯାଇଛି। ପ୍ରତିଦିନ ସଂସ୍କୃତି ଭବନକୁ ଶହ ଶହ କଳାକାର, ସାଂସ୍କୃତିକ ଅନୁଷ୍ଠାନ ଆସୁଛନ୍ତି। କିନ୍ତୁ ଏଠାରେ ଏଭଳି ଅପସଂସ୍କୃତି ଅନେକଙ୍କୁ ବ୍ୟଥିତ କରୁଛି।



## ବରିଡା ଶାଗ ପାଇଁ ଜମୁଛି ଗ୍ରାହକଙ୍କ ଭିଡ଼



ଫୁଲବାଣୀ,୧/୪: ଖରାଦିନ ଆସିଲେ ସାଧାରଣତଃ ପଖାଳ ଭାତ ସାଙ୍ଗକୁ ଶାଗଭଜା ଖାଇବାକୁ ଲୋକଙ୍କୁ ଭାରି ଇଚ୍ଛା ହୁଏ । ତେଣୁ ବଜାରରେ ଲୋକେ ଅନ୍ୟାନ୍ୟ ପନିପରିବା କିଣିବା ଅପେକ୍ଷା ଶାଗ ଟିକେ କିଣିବାକୁ ବେଶୀ ପସନ୍ଦ କରନ୍ତି । ଏହି ସମୟରେ କନ୍ଧମାଳ ଜିଲ୍ଲାର ପ୍ରାୟ ଅଂଚଳରେ ବରିଡା ଶାଗର ଚାହିଦା ବଢ଼ିଯାଏ । ଜିଲ୍ଲାବାସୀଙ୍କ ପାଇଁ ବରିଡା ଶାଗ ଏକ ପ୍ରକୃତିର ଅବଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଶାଗ ଦେଖିବାକୁ ଯେତିକି ସୁନ୍ଦର ସେତିକି ସ୍ୱାଦିଷ୍ଟ ମଧ୍ୟ ଏବଂ ଶାଗରେ ଭିଟାମିନ ମଧ୍ୟ ଭରି ରହିଛି । ତେଣୁ ଅନ୍ୟ ଶାଗ ମାନଙ୍କ ଅପେକ୍ଷା ବରିଡା ଶାଗର ସ୍ୱାଦ ମଧ୍ୟ ନିଆରା । ଏପ୍ରିଲ ମାସର ପହିଲି ବର୍ଷାରେ ବରିଡା ଗଛରେ ନୂଆ ପତ୍ର କଅଁଳେ । ଆଉ ବିଶେଷ କରି ଜଙ୍ଗଲରେ ଏହି ଗଛ ସବୁ ମିଳୁଥିବାରୁ ସ୍ଥାନୀୟ ଲୋକେ ଜଙ୍ଗଲକୁ ଯାଇ ବରିଡା ଗଛରେ ଚଢି ତାର କଅଁଳିଆ ପତ୍ରସବୁ ସଂଗ୍ରହ କରି ଆଣିଥାନ୍ତି ଏବଂ ନିଜ ଘରେ ରୋଷେଇ କରି ଖାଇବା ସହ ବଳକା ଶାଗ ସବୁକୁ ଗାଁରେ ହେଉ କି ହାଟରେ ହେଉ ନେଇକି ବିକ୍ରି କରି ବେଶ ଦୁଇ ପଇସା ରୋଜଗାର ମଧ୍ୟ କରିଥାନ୍ତି । ବଜାରରେ ବିକ୍ରୟ ପାଇଁ ଆସିଥିବା ବରିଡା ଶାଗ ଆଖି ପିଛୁଳାକେ ବିକ୍ରି ହୋଇଯାଏ । ଯେଉଁ ବ୍ୟକ୍ତି କିମ୍ବା ମହିଳା ବରିଡା ଶାଗ ବିକ୍ରୟ କରନ୍ତି ତାଙ୍କୁ କିଛି ବ୍ୟକ୍ତି ଆଗୁଆ ଶାଗ ପାଇଁ ଟଙ୍କା ଦେଇ ବରାଦ କରିଥାନ୍ତି । ବରିଡା ଶାଗ ବିକ୍ରୟ କରି ସ୍ଥାନୀୟ ମହିଳାମାନେ ପ୍ରତିଦିନ ୨୦୦ ରୁ ୩୦୦ ଟଙ୍କା ରୋଜଗାର କରୁଥିବା କୁହନ୍ତି । ଜଣେ ଶାଗ ବିକୁଥିବା ମହିଳା ମାଧୁରୀ ନାୟକଙ୍କୁ ରୋଜଗାର କଥା ପଚାରିବାରୁ ସେ କହିଛନ୍ତି, ରାତି ୪ଟାରୁ ଉଠି ପ୍ରତି ଗାଁ ଗାଁ ବୁଲି ଶାଗ ସଂଗ୍ରହ କରି ବଜାରରେ ବିକ୍ରି କରନ୍ତି । ଶାଗ କିଲୋ ପ୍ରତି ୧୩୦ ଟଙ୍କାରେ ବିକ୍ରି କରୁଥିବାବେଳେ ପାଏକୁ ୩୦ ଟଙ୍କାରେ ବିକ୍ରି କରୁଥିବା ସେ କହିଛନ୍ତି । ଉଚିତ ମୂଲ୍ୟରେ ଏହି ଶାଗ ମିଳୁଥିବାରୁ ସ୍ଥାନୀୟ ଲୋକେ ବଡ଼ ସରାଗରେ କିଣନ୍ତି । କିଛି ଗ୍ରାହକଙ୍କ କହିବା ପ୍ରକାରେ, କେବଳ ଖରାଦିନେ ହିଁ ଏହି ଶାଗ ଖାଇବାକୁ ମିଳେ ଏବଂ ଅତି ସ୍ୱାଦିଷ୍ଟ ହୋଇଥିବାରୁ ଆମେ ଆଖପାଖରେ ଥିବା ସବୁ ବଜାରକୁ ଯାଇ ଶାଗ ସଂଗ୍ରହ କରିକି ଆଣୁ । କନ୍ଧମାଳ ଜିଲ୍ଲାର ସ୍ଥାନୀୟ ଲୋକଙ୍କ ପାଇଁ ବର୍ତ୍ତମାନ ଖରାଦିନିଆ ପାଇଁ ପ୍ରିୟ ଶାଗ ବରିଡା ହୋଇଥିବାରୁ ଶାଗ ବେପାରୀ ମାନେ ମଧ୍ୟ ବେଶ ଦୁଇ ପଇସା ରୋଜଗାର କରିବାରେ ସକ୍ଷମ ହୋଇପାରିଛନ୍ତି ।

## ଶେଷ ପର୍ଯ୍ୟାୟରେ ରଥ କାମ: ରଥ ପ୍ରଚ୍ଛଦପଟର ଅନ୍ୟତମ ଶିଳ୍ପୀ ଶିବ ନାରାୟଣ



ପୁରୁଣା ଭୁବନେଶ୍ୱର,୧/୪: ରଥଖଳାରେ ରଥ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥରେ ୧୬ କୋଣ ସିଂହ ଲଗାଯାଇଛି। ତିନି ଭୂଇଁ କାମ ଶେଷ ହୋଇ ଧାଡ଼ି ଗୋଜ, ପଟା ଗୋଜ, ଘୋରଡ଼ା ଲଗାଯାଇଥିବା ବେଳେ ଆଜି, ଦୁଆର ଆଡ଼ା କାମ ଆରମ୍ଭ ହୋଇଛି। ଘୋରଡ଼ା ବନ୍ଧା କାମ ଶେଷ ହୋଇ ଯୋକା କାମ ଓ ଚାରି ଦ୍ୱାର କାମ ଆରମ୍ଭ କରାଯାଇଛି। ଆସନ୍ତା ବୁଧବାର ଅଁଳା, ବେକି ଓ କଳସ କାମ ଆରମ୍ଭ କରାଯିବ ବୋଲି ମହାରଣା ସେବାୟତ ବଟକୃଷ୍ଣ ଓ ସୋମନାଥ କହିଛନ୍ତି। ରୁକୁଣା ରଥଯାତ୍ରାର ଅନ୍ୟତମ ପ୍ରଚ୍ଛଦପଟ ଶିଳ୍ପୀ ହେଲେ ଶିବ ନାରାୟଣ ମହାରଣା। ବୟସ ପ୍ରାୟ ୬୬ ହେଲାଣି। ହେଲେ ପ୍ରଭୁଙ୍କ ସେବା ଆଗରେ ହାର ମାନିଛି ବୟସ। ରୁକୁଣା ରଥଯାତ୍ରାର ୧୦ଦିନ ପୂର୍ବରୁ ଶିବ ଚିତ୍ର ଆଙ୍କିବାରେ ଲଗି ପଡ଼ନ୍ତି। ଏଥିପାଇଁ ମନ୍ଦିର ପ୍ରଶାସନ ଯାହା ପାଉଣା ଦିଅନ୍ତି ତାକୁ ଆନନ୍ଦ ସହ ଗ୍ରହଣ କରି ଠାକୁରଙ୍କ ସେବା କରନ୍ତି। ରଥ ଗଢ଼ିବା ପରେ ଶିବ ନିଜକୁ ଧନ୍ୟମନେ କରନ୍ତି ବୋଲି କହିଛନ୍ତି। ରଥରେ ଲାଗିଥିବା ୧୬ କୋଣ ସିଂହ, ୩୨ପଟା ଗୁଞ୍ଜି, ଘୋଡ଼ା ଇଷ, ସିଡ଼ିବାଡ଼, ପଞ୍ଚଦଣ୍ଡା ମୁହାଣକୁ ସେ ଚିତ୍ର କରିଛନ୍ତି। ଏଥିରେ ରଙ୍ଗ ପରେ ସେ ଚିତ୍ର ଆଙ୍କିଛନ୍ତି।

## ରାଜଧାନୀରେ ଚାଞ୍ଚଲ୍ୟ

### ପାର୍କ ନିକଟ ଗଛରେ ଯୁବକଙ୍କ ଝୁଲନ୍ତା ମୃତଦେହ

ଭୁବନେଶ୍ୱର,୧/୪: ରାଜଧାନୀର ପୋଖରୀପୁଟ ମଧୁସୂଦନ ପାର୍କ ନିକଟରେ ଏକ ଗଛରେ ଝୁଲନ୍ତା ଶବ ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ବେକରେ ଦଉଡ଼ି ଦେଇ ଝୁଲି ପଡ଼ିଛନ୍ତି। ଏଯାଏ ମୃତକଙ୍କର ପରିଚୟ ଜଣା ପଡ଼ିନାହିଁ । ତେବେ ତାଙ୍କ ବୟସ ପାଖାପାଖି ୩୦ ପାଖାପାଖି ହେବ ବୋଲି ଅନୁମାନ କରାଯାଉଛି। ଘଟଣା ସ୍ଥଳରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଘଟଣା ସ୍ଥଳରେ ଖଣ୍ଡଗିରି ଥାନା ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବେଦାନ୍ତ ଓଡ଼ିଶାକୁ ବିଶ୍ୱ ଶକ୍ତି କେନ୍ଦ୍ରରେ ପରିଣତ କରିଛି

ଭୁବନେଶ୍ୱର,୧/୪: ଯେହେତୁ ଓଡ଼ିଶା ଆଜି ନିଜକୁ 'ଭାରତର ଆଲୁମିନିୟମ ରାଜଧାନୀ' ଭାବରେ ଦୃଢ଼ ଭାବରେ ପ୍ରତିଷ୍ଠିତ କରିଛି ଏବଂ 'ବିଶ୍ୱର ଆଲୁମିନିୟମ ରାଜଧାନୀ' ହେବାର ପଥ ପରିଷ୍କାର କରିଛି, ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଶିଳ୍ପ ପରିଦୃଶ୍ୟରେ ଏକ ଅଗ୍ରଣୀ ଶକ୍ତି ଭାବରେ ଏହି ଉଲ୍ଲେଖନୀୟ ଯାତ୍ରାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। "ଓଡ଼ିଶାରେ ଆମର ଯାତ୍ରା ପରିବର୍ତ୍ତନଶୀଳ ଠାରୁ କିଛି କମ୍ ନୁହେଁ। ଦେଶର ପ୍ରଥମ ମହିଳା ପରିଚାଳିତ ପଟଲାଇନ ସହିତ ପରମ୍ପରାକୁ ଭାଙ୍ଗିବା ଠାରୁ ଆରମ୍ଭ କରି ଆମର ଦକ୍ଷତା ବିକାଶ ଏବଂ ପରିବେଶ ପଦକ୍ଷେପ ମାଧ୍ୟମରେ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପର୍ଯ୍ୟନ୍ତ, ଆମେ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତକୁ ରୂପ ଦେବା ପାଇଁ ଗଭୀର ଭାବରେ ପ୍ରତିଶ୍ରୁତିବଦ୍ଧ ବୋଲି ବେଦାନ୍ତ ଆଲୁମିନିୟମ ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ଶ୍ରୀ ସୁନୀଲ ଗୁପ୍ତା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, "ଆମର ୧ ଲକ୍ଷ କୋଟି ଟଙ୍କାର ସଦ୍ୟତମ ନିବେଶ ଭାରତର ଶିଳ୍ପ ବିପ୍ଳବର ନେତୃତ୍ୱ ନେବାର ରାଜ୍ୟର ସାମର୍ଥ୍ୟ ଉପରେ ଆମର ସ୍ଥାୟୀ ବିଶ୍ୱାସର ପ୍ରମାଣ।" 'ଭବିଷ୍ୟତର ସବୁଜ ଧାତୁ' ଭାବେ ପ୍ରଶଂସିତ ଆଲୁମିନିୟମକୁ ଉଦୀୟମାନ ସବୁଜ ପ୍ରଯୁକ୍ତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ ଭାବେ ଚିହ୍ନଟ କରାଯାଇଛି, ଯାହା ଭାରତର ଶୂନ୍ୟ ଅଙ୍ଗାରକାମ୍ଳ ଯାତ୍ରାକୁ ସଶକ୍ତ କରିପାରିବ। ଇଣ୍ଡିଆନ୍ ମିନେରାଲ୍ସ ଇୟରବୁକ୍ ୨୦୨୧ ଅନୁଯାୟୀ, ଭାରତରେ ବକ୍ସାଇଟ୍ (ଆଲୁମିନିୟମ୍ ଧାତବ) ସମ୍ବଳର ୪୧ ପ୍ରତିଶତ ଓଡ଼ିଶାରେ ରହିଛି, ଯାହା ରାଜ୍ୟକୁ ବିଶ୍ୱ ଆଲୁମିନିୟମ୍ ମୂଲ୍ୟ ଶୃଙ୍ଖଳାର ଏକ ଅତ୍ୟାବଶ୍ୟକ ହବ୍ ରେ ପରିଣତ କରିଛି। ଯେହେତୁ ଭାରତ ୫ ଟ୍ରିଲିୟନ ଡଲାର ଅର୍ଥବ୍ୟବସ୍ଥା ହେବାର ଲକ୍ଷ୍ୟ ରଖିଛି ଏବଂ ଆଲୁମିନିୟମର ଚାହିଦା ଉଲ୍ଲେଖନୀୟ ଭାବେ ବୃଦ୍ଧି ହେବାକୁ ଯାଉଛି, ଓଡ଼ିଶା ଏହି ସୁଯୋଗକୁ ପୂରଣ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଏହିପରି, ଓଡ଼ିଶାର ଅପାର ସମ୍ଭାବନା ଉପରେ ବେଦାନ୍ତର ଆତ୍ମବିଶ୍ୱାସ ଏହାର ବ୍ୟାପକ ପରିଚାଳନା ଏବଂ ରାଜ୍ୟର ସର୍ବବୃହତ ନିବେଶକ ଭାବରେ ସ୍ଥିତି ଦ୍ୱାରା ୧,୦୦,୦୦୦ କୋଟି ଟଙ୍କାର ମିଳିତ ବିନିଯୋଗ ସହିତ ସ୍ପଷ୍ଟ ହୋଇଛି ଯାହା ବିଶ୍ୱ ସ୍ତରରେ ବେଦାନ୍ତର ସର୍ବବୃହତ ବିନିଯୋଗ ଭାବରେ ଛିଡ଼ା ହୋଇଛି। ଝାରସୁଗୁଡ଼ାରେ ବେଦାନ୍ତର ବାର୍ଷିକ ୧.୮ ନିୟୁତ ଟନ୍ (ଏମଟିପିଏ) ସ୍ମେଲ୍ଟର ସୁବିଧା ବିଶ୍ୱର ସର୍ବବୃହତ ଏବଂ ସମ୍ମାନଜନକ ବିଶ୍ୱସ୍ତରୀୟ (୧) ନିୟୁତ ଟନ୍ କ୍ଲବରେ ଏକମାତ୍ର ଭାରତୀୟ ସ୍ମେଲ୍ଟର ଭାବରେ ଛିଡ଼ା ହୋଇଥିବାବେଳେ କମ୍ପାନୀ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ରେ ଏକ ବିଶ୍ୱସ୍ତରୀୟ ୩.୫ ଏମଟିପିଏ ଆଲୁମିନା ବିଶୋଧନାଗାର ମଧ୍ୟ ପରିଚାଳନା କରୁଛି। ତେଣୁ, ୨୦,୦୦୦ ରୁ ଅଧିକ ଏମ୍‌ଏସ୍‌ଏମ୍‌ଇ କମ୍ପାନୀର ବ୍ୟାପକ ଉତ୍ପାଦନ ଏବଂ ଯୋଗାଣକାରୀ ନେଟୱାର୍କ ଦ୍ୱାରା ପ୍ରୋତ୍ସାହିତ ହୋଇ କମ୍ପାନୀର କାର୍ଯ୍ୟକଳାପକୁ ନେଇ ବଢ଼ିଛନ୍ତି। ଏହା ବ୍ୟତୀତ ବେଦାନ୍ତ ଓଡ଼ିଶାର ଅନେକ




ଜିଲ୍ଲାରେ ଖଣି ଖନନ କାର୍ଯ୍ୟ ମଧ୍ୟ ଆରମ୍ଭ କରିଛି, ଯେଉଁଥିରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ୧୦,୦୦୦ ଜୀବିକା ସୁଯୋଗ ସୃଷ୍ଟି କରିବାର କ୍ଷମତା ରହିଛି। ଦୂରଦୂରାନ୍ତ ଅଞ୍ଚଳକୁ ସାମାଜିକ-ଅର୍ଥନୈତିକ ମୁଖ୍ୟଧାରାକୁ ଆଣିବା ସହିତ ଓଡ଼ିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସଡିପି) ରେ ପ୍ରାୟ ୪ ପ୍ରତିଶତ ଯୋଗଦାନ ପାଇଁ ସେମାନେ ମିଳିତ ଭାବେ ବ୍ୟାପକ ଭାବେ ପ୍ରଶଂସିତ ହୋଇଛନ୍ତି। ଉତ୍କର୍ଷ ଓଡ଼ିଶା ଗ୍ଲୋବାଲ ଇନଭେଷ୍ଟମେଣ୍ଟ କନକ୍ଲେଭରେ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ୧ ଲକ୍ଷ କୋଟି ଟଙ୍କାର ନିବେଶ ଘୋଷଣା କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିବା ଏହି ରାଜିନାମା ଝାରସୁଗୁଡ଼ାରେ ୩ ଏମଟିପିଏ ଆଲୁମିନିୟମ ପ୍ଲାଣ୍ଟ ଏବଂ ଏକ ଅତ୍ୟାଧୁନିକ ଆଲୁମିନିୟମ ପାର୍କର ବିକାଶକୁ ଦର୍ଶାଉଛି । ୨୫୩ ଏକର ଜମିରେ ପରିବ୍ୟାପ୍ତ ଏହି ପାର୍କ ୧୦୦ରୁ ଅଧିକ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକୁ ଆକୃଷ୍ଟ କରିବ, ଯାହାଦ୍ୱାରା ୨ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଓଡ଼ିଶା ପାଇଁ ୪୫୦୦ କୋଟି ଟଙ୍କାର ଅତିରିକ୍ତ ମୂଲ୍ୟ ସୃଷ୍ଟି ହେବ। ଆଲୁମିନିୟମ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ହବ୍ ଭାବେ ପ୍ରତିଷ୍ଠିତ କରି, ଏହି ପରିବର୍ତ୍ତନଶୀଳ ପ୍ରକଳ୍ପ ଅଟୋମୋବାଇଲ୍, ଶକ୍ତି, ନିର୍ମାଣ ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ଆନୁଷଙ୍ଗିକ ଉଦ୍ୟୋଗଗୁଡ଼ିକୁ ମଧ୍ୟ ଶକ୍ତି ଯୋଗାଇବ। ବେଦାନ୍ତ ଆଲୁମିନିୟମର ଏକ ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଏହାର ଝାରସୁଗୁଡା ସ୍ମେଲ୍ଟର ପ୍ଲାଣ୍ଟ ଯେଉଁଥିରେ ସମ୍ପୂର୍ଣ୍ଣ ମହିଳା ପରିଚାଳିତ ପଟଲାଇନ ରହିଛି-ଯାହା ଭାରତର ଆଲୁମିନିୟମ ଶିଳ୍ପ ପାଇଁ ପ୍ରଥମ। 'ଶ୍ରୀ ଶକ୍ତି "ପ୍ରକଳ୍ପ ଜରିଆରେ ମହିଳାମାନଙ୍କୁ ରାତ୍ରିକାଳୀନ କାର୍ଯ୍ୟରେ ନିୟୋଜିତ କରିବାରେ କମ୍ପାନୀ ଓଡ଼ିଶାରେ ପ୍ରଥମ। ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଅନୀଲ ଅଗ୍ରୱାଲଙ୍କ ଦ୍ୱାରା ପରିକଳ୍ପିତ ଏବଂ ପରିଚାଳିତ, 'ପ୍ରୋଜେକ୍ଟ ପଞ୍ଚି' ଯୁବତୀମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରେ, ଯେଉଁମାନେ ଶିକ୍ଷାଗତ ଯୋଗ୍ୟତା ସମାପ୍ତ କରିବା ପରେ ବେଦାନ୍ତର ମୂଳ କାର୍ଯ୍ୟ ମଧ୍ୟରେ ନିଯୁକ୍ତି ସୁଯୋଗ ପ୍ରଦାନ କରନ୍ତି । ' ପ୍ରକଳ୍ପ ପଞ୍ଚି ' ଜରିଆରେ ବେଦାନ୍ତ ପାରମ୍ପରିକ ଭାବେ ପୁରୁଷ ପ୍ରାଧାନ୍ୟ ବିଶିଷ୍ଟ ଧାତୁ ଏବଂ ଖଣି କ୍ଷେତ୍ରରେ ଲିଙ୍ଗଗତ ଅବଧାରଣାକୁ କେବଳ ଦୂର କରୁନାହିଁ, ବରଂ ଆର୍ଥିକ ବର୍ଷ ୨୦୩୦ ସୁଦ୍ଧା ୩୦ ପ୍ରତିଶତ ମହିଳାମାନଙ୍କୁ ଏହାର କାର୍ଯ୍ୟବଳରେ ସାମିଲ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ଅନ୍ତର୍ଭୁକ୍ତି ଏବଂ ପରିଚାଳନାଗତ ଉତ୍କର୍ଷତାର ଏକ ମାନଦଣ୍ଡ।

# ଚିଞ୍ଚିଲଗାଡିଆ ବ୍ୟାଙ୍କ ଅଫ ଇଣ୍ଡିଆ ବ୍ୟାଙ୍କରେ ଜାଲିଆତି: ଆକାଉଣ୍ଟରୁ ଟଙ୍କା ହଡ଼ପ,ଥାନାରେ ମାମଲା

**ବସ୍ତା ୧/୪(ନି.ପ୍ର):** ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଚିଞ୍ଚିଲଗଡିଆ ପଞ୍ଚାୟତ ତଥା ଅମର୍ଦାରୋଡ ଗେଟ ବଜାର ଅନିତ ଦୂରରେ ଥିବା ଚିଞ୍ଚିଲଗଡିଆ ବ୍ୟାଙ୍କ ଅଫ ଇଣ୍ଡିଆ ବ୍ୟାଙ୍କ ଖାତାରୁ ଜୈନିକ ବ୍ୟକ୍ତିଙ୍କ ୧ଲକ୍ଷ ୮ ହଜାର ୬୨୪ ଟଙ୍କା ହଡ଼ପ ହୋଇଥିବା ଚର୍ଚ୍ଚାର ବିଷୟ ବସ୍ତୁ ପାଲଟିଛି ।ଅଭିଯୋଗରୁ ପ୍ରକାଶ ଯେ,ବସ୍ତା ଥାନା ତଥା ଅମର୍ଦାରୋଡ ଫାଣ୍ଡି ଅଧିନସ୍ଥ ପୁରସତ୍ତମପୁର ପଞ୍ଚାୟ ତର ପଣିସାପଡ଼ା ଗ୍ରାମର ସୁମନ୍ତ ମିଶ୍ର ନାମକ ବ୍ୟକ୍ତି ଏହି ବ୍ୟାଙ୍କ ରେ ଏକ ଜମାଖାତା ରହିଥିଲା ।ଏକାଉଣ୍ଟରେ ୪ ଲକ୍ଷ ୩୭ ହଜାର ଟଙ୍କା ଜମା ଥିବା ବେଳେ ତାଙ୍କ ଅଜ୍ଞାନ୍ତରେ ଜମା ଖାତାରୁ ଗତ ଡ଼ିସେମ୍ବର,ଜାନୁଆରୀ ଓ ଫେବୃଆରୀ ମାସରେ ଜାଲିଆତି କରି ୧ ଲକ୍ଷ ୮ ହଜାର ୬୨୪ ଟଙ୍କା ଉଠାଇ ନିଆଯାଇଛି ।

ଟଙ୍କା ଉଠାଣ ବିଷୟରେ କିଛି ଜାଣି ନଥିବା ବେଳେ ହେଲେ ସେ ଫେବୃଆରୀ ମାସ ବ୍ୟାଙ୍କକୁ ଆସି ବ୍ୟାଙ୍କ ଖାତା ଅପଡେଟ କରିବା ପରେ ସେ ଜାଣିପାଇଥିଲେ ତାଙ୍କ ଏକାଉଣ୍ଟରୁ ୧୦୮୬୨୪ ଟଙ୍କା ଉଠାଇ ନିଆ ଯାଇଛି ।ଏନେଇ ସେ ବ୍ୟାଙ୍କ ମ୍ୟାନେଜରଙ୍କୁ ପଚାରିବାରୁ ମ୍ୟାନେ ଜର ଠାରୁ ସନ୍ତୋଷଜନକ ଉତ୍ତର ନ ପାଇବାରୁ ସେ ଆଇନର ଆଶ୍ରୟ ନେଇଥିଲେ ।ଶ୍ରୀ ମିଶ୍ର ରାସଗୋବିନ୍ଦପୁର ଥାନା ପରେ ଭୁବନେଶ୍ୱର ସାଇବର ଥାନାରେ ଫୋନ(ହେଲପ ଲାଇନ ଫୋନ) ଯୋଗେ ଅଭିଯୋଗ କରିଥିଲେ । ପରେ ସାଇବର ଥାନା କେସ ରୁଜୁ କରି ଅଭିଯୋଗକାରୀଙ୍କୁ (ଏକନାଲେଜମେଣ୍ଟ ୩୨୪୦୩୨୫ ୦୦୦୯୫୪୧) ପଠାଇଥିଲେ ।ଭୁବନେଶ୍ୱର ସାଇବର ଥାନା ତଦନ୍ତ ଜାରି ରଖିଥିବା ବେଳେ ଅଭିଯୋଗକାରୀ ଆମ ପ୍ରତିନିଧିଙ୍କୁ ଜଣାଇ ଛନ୍ତି । ତେବେ ଏହି ଜାଲି ଆତି ଘଟଣାର ବିଧିବଦ୍ଧ ତଦନ୍ତ କରା ଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।ଅଭିଯୋଗ ପରେ ପୋଲିସ ବ୍ୟାଙ୍କ ଏକାଉଣ୍ଟରୁ ହଡ଼ପ ଘଟଣାର ତଦନ୍ତ କରୁଥିବା ଜଣାପଡି ଛି ।ହେଲେ ଉପଭକ୍ତ ମାନେ ଜାଲିଆତି ଘଟଣାର ପ୍ରଘଟ ହେଲା ପରେ ଉପଭକ୍ତା ମାନଙ୍କ ମଧ୍ୟରେ ଭୟର ବାତା ବରଣ ସୃଷ୍ଟି ହୋଇ ଥିବା ବେଳେ ଟଙ୍କା ଜମା ରିଖିବାକୁ ବ୍ୟାଙ୍କରେ ଉପଭକ୍ତା ମାନେ ଭୟ କରୁଛନ୍ତି ।

# ସୁକୁମା ଏସପିଙ୍କ ନିକଟରେ ୯ ଜଣ ହାଡକୋର ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି ୧/୪(ନି.ପ୍ର):** ମାଲକାନଗିରି ସୀମାନ୍ତ ଛତିଶଗଡ ସୁକୁମା ଏସପିଙ୍କ ନିକଟରେ ୦୯ ଜଣ ହାଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମୁଣ୍ଡ ଉପରେ ପୁର୍ବରୁ ଛତିଶଗଡ ସରକାର ୨୬ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ । ଆତ୍ମସମର୍ପଣ କରିଥିବା ୯ ଜଣ ମାଓବାଦୀଙ୍କ ମଧ୍ୟରେ ୬ ଜଣ ମହିଳା ମାଓବାଦୀ ରହିଛନ୍ତି । ଏମାନେ ସୁକୁମା, ବିଜାପୁର ଓ ଦନ୍ତେୱାଡା ଜିଲ୍ଲାର ଅନେକ ବଡ ବଡ ମାଓ ହିଂସାରେ ସାମିଲ୍ ରହିଥିବା ନେଇ ସୂଚନା ଦେଇଛନ୍ତି ସୁକୁମା ଏସପି କିରଣ ଚୌହାନ । ଆତ୍ମସମର୍ପଣ ପରେ ସମସ୍ତଙ୍କୁ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ଚେକ୍ ପ୍ରଦାନ ପ୍ରଦାନ କରିଛନ୍ତି ସୁକୁମା ଏସପି କିରଣ ଚୌହାନ, ଅତିରିକ୍ତ ଏସପି ଉମେଶ ଗୁପ୍ତା ଓ ସିଆରପିଏଫ କମାଣ୍ଡେଣ୍ଟ । ପରେ ଛତିଶଗଡ ସରକାରଙ୍କ ନିୟମ ଅନୁସାରେ ଏମାନଙ୍କୁ ଥଇଥାନ କରାଯିବା ବୋଲି ସୁକୁମା ଏସପି କହିଛନ୍ତି ।

# ଟ୍ରେନ ଧକ୍କାରେ ବୃଦ୍ଧ ମୃତ

**ଅମର୍ଦ୍ଦାରୋଡ୧/୪(ନି.ପ୍ର):** ଦକ୍ଷିଣ ପୂର୍ବ ରେଳପଥର ରୂପସା ରେଳ ଷ୍ଟେସନ ପୂର୍ବରୁ ଥିବା ନର୍ଥ କେବିନ ରେଳଫାଟକ ନିକଟରେ ଫାଟକ ତଳେ ଗଳି ପାରି ହେବା ସମୟରେ ଟ୍ରେନ ଧକ୍କାରେ ଜଣେ ଅଜଣା ବୃଦ୍ଧଙ୍କର ମୃତ୍ୟୁ ଘଟିଛି । ସୂଚନା ଅନୁସାରେ ଗୁରୁବାର ସନ୍ଧ୍ୟାରେ ଅପଲାଇନ ଦେଇ ଏକ ଟ୍ରେନ ଯିବା ପାଇଁ ଫାଟକଟି ବନ୍ଦ ଥିଲା । ଏହି ସମୟରେ ବୃଦ୍ଧ ଜଣକ ଫାଟକ ତଳେ ଗଳି ପାରି ହେବା ସମୟରେ ଟ୍ରେନଟି ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ବୃଦ୍ଧଙ୍କର ମୃତ୍ୟୁ ଘଟିଥିବା ବେଳେ ରୂପସା ରେଳ ସୁରକ୍ଷା ବଳର ଅଧିକାରୀ ମାନେ ପହଞ୍ଚି ମୃତଦେହ ଜବତ୍ କରିଥିଲେ । ବୃଦ୍ଧଙ୍କର ପରିଚୟ ଅସ୍ପଷ୍ଟ ଥିବା ବେଳେ ତାଙ୍କର ଆନୁମାନିକ ବୟସ ୬୦ ବର୍ଷ ହେବା ବୋଲି ଜଣାପଡ଼ିଛି । ଏ ସଂକ୍ରାନ୍ତରେ ୨୩/୨୫ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ପଞ୍ଚନାମା ପରେ ମୃତଦେହ ଚିହ୍ନଟ ଲାଗି ତାହାକୁ ଜିଲା ମୁଖ୍ୟ ଚିକିତ୍ସାଳୟର ଶବ ବ୍ୟବଚ୍ଛେଦାଗାର ଗୃହରେ ରଖାଯାଇଛି ।

# ବସ୍ତା ଟିପି.ଏନ.ଓ.ଡିଏଲ୍ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇଲେ ଗ୍ରାମବାସୀ

**ବସ୍ତା ୧/୪(ନି.ପ୍ର):** ପ୍ରଚଣ୍ଡ ଖରାରେ ଧାରଣାରେ ବସିଲେ ଗ୍ରାମବାସୀ ।ସୂଚନା ଥାଉ କି ଯେ,ଗତ୨୦ ତାରିଖ ବସ୍ତାଥାନା ସଦା ନନ୍ଦପୁର ପଞ୍ଚାୟତ ବାଉଁଶ ମୁଖା ଗ୍ରାମରେ ଆବାସ ଯୋଜନା ରେ ଗୃହ ନିର୍ମାଣ ବେଳେ ,୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ସେହି ଗ୍ରାମର ମହେଶ୍ୱର ଜେନାଙ୍କ ଏକ ମାତ୍ର ପୁଅ ଦିନେଶ ଗୁରୁତ ର ହୋଇ ପଡ଼ିଥିଲେ । ତାଙ୍କୁ ପ୍ରଥମେ ବସ୍ତା ଓ ପରେ ଏମ୍ସ କୁ ସ୍ଥାନାନ୍ତର କରାଯାଇଥିଲା ।

ତେବେ ଘର ଉପରେ ୧୧ କେଭି ତାର ଓହ ଳି ଥିବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ବିଦ୍ୟୁତ ବିଭାଗକୁ ଦାୟୀ କରିଥିଲେ । ତେବେ ଗୁରୁତର ଶ୍ରମିକଙ୍କ ଉନ୍ନତ ଚିକିତ୍ସା ଓ ୧୧ କେଭି ବିଦ୍ୟୁତ ତାର ସ୍ଥାନାନ୍ତର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।ମାତ୍ର ଘଟଣାକୁ ୯ ଦିନ ବିତିଯାଇଥିଲା ବେଳେ ବିଦ୍ୟୁ ତ ବିଭାଗର ଦାୟିତ୍ୱ ହୀନତା ଓ ଖାମଖିଆଲି ନୀତି ପାଇଁ ପ୍ରତିଶ୍ରୁତି ସାଜିଛି ପାଣିର ଗାର ।

ଟିପିଏନଓଡିଲର ଦାୟିତ୍ୱ ହୀନତା ଓ ମନ ମାନିକୁ ଦାୟୀ କରି ବିଦ୍ୟୁତ ବିଭାଗର କାର୍ଯ୍ୟାଳୟ ମୁଖ୍ୟ ଫାଟକ ରେ ତାଲା ପକାଇ ମୁଣ୍ଡ ଫଟା ଖରାରେ ଫାଟକ ସମ୍ମୁଖରେ ଦୀର୍ଘ ସମୟ ଧାରଣାରେ ବସିଥିଲେ । ତେବେ ବିଭାଗୀୟ ଅଧିକାରୀ ପହଞ୍ଚି ଆଲୋଚନା କରିଥିଲେ ବି କୌଣସି ସୁଫଳ ମିଳି ପାରି ନଥିଲା ।

# ପଞ୍ଚମ ବାର୍ଷିକ ବିଶ୍ୱକଲ୍ୟାଣ ଅଗ୍ନିହୋତ୍ର ମହୋତ୍ସବ ରୂପସା

**ରୂପସା ୧/୪(ନି.ପ୍ର):** ଅଗ୍ନିହୋତ୍ର ପରିବାର ଆନୁକୂଲ୍ୟରେ ଗୁରୁବାର ପାଟପୁର ବଜାର ଦୁର୍ଗା ମଣ୍ଡପ ଠାରେ ପଞ୍ଚମ ବାର୍ଷିକ ବିଶ୍ୱକଲ୍ୟାଣ ଅଗ୍ନିହୋତ୍ର ମହୋତ୍ସବ ପାଳିତ ହୋଇଯାଇଛି । ପରିବାରର ସଭାପତି ସୁରେଶ ଚନ୍ଦ୍ର ପାଣି ପ୍ରବଚନ ସଭାରେ ଅଧକ୍ଷତା କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ବିଶିଷ୍ଟ ପ୍ରବଚକ ତଥା ବେଦପିୟୁଷ ପତ୍ରିକାର ସମ୍ପାଦକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇ ଈଶ୍ୱରଙ୍କ ଗୁଣଗାନ କରିବା ମଣିଷର ଧର୍ମ । ତାଙ୍କ ନିକଟରେ ଜୀବନକୁ ସମର୍ପିତ କଲେ ସୁଖ ଶାନ୍ତି ସୁନିଶ୍ଚିତ । ଗୁରୁଜନଙ୍କ ପ୍ରତି ଭକ୍ତି ଭାବ ଦ୍ୱାରା ସମାଜର ସୁଧାର ସମ୍ଭବ । ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ଯଜ୍ଞ ଓ ବୃକ୍ଷରୋପଣ ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ ।ମୁଖ୍ୟ ଅତିଥି ରୂପସା ଥାନା ଓଆଇସି ମୌସୁମୀ ମହାନ୍ତି ଯୋଗ ଦେଇ ପାରିବାରିକ ସଂସ୍କାର ହିଁ ସମାଜ ନିର୍ମାଣର ମୂଳ ଆଧାର ବୋଲି ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥି ଅଧ୍ୟାପକ ଦିଲ୍ଲୀପ କୁମାର ଭୋଇ, ସମାଜସେବୀ ସୁମନ୍ତ କୁମାର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ, ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ, ସରପଞ୍ଚ ମାଳତୀ ପ୍ରଧାନ ପ୍ରମୁଖ ମଞ୍ଚାସିନ ହୋଇ ଆଧାତ୍ମିକ ଚେତନା ସମସ୍ତଙ୍କୁ ସତ ମାର୍ଗରେ ପରିଚାଳିତ କରେ । ବିଶ୍ୱର କଲ୍ୟାଣ ପାଇଁ ସମସ୍ତଙ୍କର ତ୍ୟାଗ ଓ ସେବା ମନୋଭାବ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ପରିବାରର ପୂର୍ବତନ ସମ୍ପାଦକ ମନୋରଞ୍ଜନ ପ୍ରଧାନଙ୍କ ସ୍ମୃତି ତଥା ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସଭାପତି ସୁରେଶ ଚନ୍ଦ୍ର ପାଣିଙ୍କ ପୌରାହିତ୍ୟରେ ୧୧ କୁଣ୍ଡିୟ ଯଜ୍ଞ ସମାପନ ହୋଇଥିଲା । ସଂଗୀତ ଗୁରୁ ଅର୍ଜୁନ କୁମାର ଦଳାଇ କଣ୍ଠଶିଳ୍ପୀ ଦୀପ୍ତରାଗ, ଅର୍ଚ୍ଚିସ୍ମିତା ଓ ରୁଚିସ୍ମିତା ପ୍ରମୁଖ ବୈଦିକ ଭଜନ ପରିବେଷଣ କରିଥିଲେ କ୍ଷ ଅଗ୍ନିହୋତ୍ର ପରିବାର ସମ୍ପାଦକ ବାଞ୍ଛାନିଧି ଦେ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ପ୍ରଧାନ ଶିକ୍ଷକ ଅଜୟ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । କୋଷାଧକ୍ଷ ବିଦ୍ୟାଧର ବିଶ୍ୱାଳ,କାର୍ଯ୍ୟକର୍ତ୍ତା ଶଶୀକାନ୍ତ ବେହେରା, ଗୁରୁମା ଅର୍ଚ୍ଚନା ବେହେରା, ନିତ୍ୟାନନ୍ଦ ବାରିକ, କାର୍ତ୍ତିକ ଜେନା, ସତ୍ୟବ୍ରତ ସାହୁ, ମନମୋହନ ବାରିକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ । ବାଲେଶ୍ୱର ଓ ମୟୁରଭଞ୍ଜ ଜିଲାର ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

# ଖୁବଶୀଘ୍ର ଲୋକଙ୍କୁ ମିଳିବ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ କାର୍ଡ



**ବୌଦ୍ଧ୧/୪(ନି.ପ୍ର):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ କାର୍ଡ ବିତରଣ ନିମନ୍ତେ ଜ଼ିଲ୍ଲା ସ୍ତରୀୟ ) ଦ୍ୱିତୀୟ ପ୍ରସ୍ତୁତି ବୈଠକ ର ସମୀକ୍ଷା ସରିଛି । ବୈଠକ ରେ ଜିଲାସ୍ତରୀୟ ଷ୍ଟିୟରିଙ୍ଗ କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ଉପ -ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମଦନ ମୋହନ ପ୍ରଧାନ, ଡି. ଏମ.ଓ ଏମ ଏସ. କମ ସୁପାରିନଟେଣ୍ଡେଣ୍ଟ ଡ଼. ସଂଘମିତ୍ରା ପଣ୍ଡା, ଏ.ଡି.ପି.ଏଚ.ଓ (ଏଫଡବ୍ଲୁ) ଡା. କିଶୋର ଚନ୍ଦ୍ର ପଟ୍ଟନାୟକ, ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ଜ଼ିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ଓ ଅନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଜରିଆରେ ୨ ଲକ୍ଷ ୩ ହଜାର ୫୫୫ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବାର ଲକ୍ଷ୍ୟ ରଖାଯାଇଥିବା ଜଣାଯାଇଛି । କମନ ସର୍ଭିସ ସେଣ୍ଟର ଗୁଡିକ କାର୍ଡ ପଞ୍ଜିକରଣ ଓ ବିତରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ସାମ୍ବାଦିକଙ୍କ ମାଙ୍କ ପରଲୋକ

**ଭବାନୀପାଟଣା,୧/୪(ନି.ପ୍ର):** କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ



ଧରିତ୍ରୀ ପ୍ରତିନିଧି ଓମ୍ ପ୍ରକାଶ ବୈଠାରୁଙ୍କ ମା ସୁଜାତା ବୈଠାରୁଙ୍କ ଶୁକ୍ରବାର ଅପରାହ୍ନରେ ୩:୧୫ ସମୟରେ ନିଜ ବାସ ଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା । ସ୍ୱର୍ଗତା ବୈଠାରୁ ମୁଖୀଗୁଡ଼ାରେ ପୂର୍ବତନ ନାଏବ ସରପଞ୍ଚ ରହିଥିବା ବେଳେ ଜିଲା ପରିଷଦ ପ୍ରାର୍ଥୀନି ବି ଅନେକ ଥର ରହିଥିଲେ । ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଥିଲେ । ମୃତ୍ୟୁ ବେଳକୁ ତାଙ୍କ ସ୍ୱାମୀ ଅଜିତ ସମେତ ୩ ପୁଅ, ବୋହୂ, ନାତୁଣୀ ନାତି ଉପସ୍ଥିତ ଥିଲେ । ବଡ ପୁଅ ଜ୍ୟୋତି ପ୍ରକାଶ ମୁଖାଗ୍ନି ଦେଇଥିଲେ । ଅନ୍ତିମ ସଂସ୍କାର ସମୟରେ ଅଞ୍ଚଳର ଅନେକ ମାନଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଶ୍ରୀ ଶ୍ରୀ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ

**ବେଗୁନିଆପଡା, ୧/୪(ନି.ପ୍ର):** ବେଗୁନିଆପଡା ବ୍ଲକ ଅନ୍ତର୍ଗତ ଅଙ୍ଗାରଗାଁ ପଞ୍ଚାୟତର ନୁଆଁଗଡ଼ ସ୍ଥିତ ଶ୍ରୀ ଶ୍ରୀ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଗ୍ରାମବାସୀ ତଥା ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ନାମଯଜ୍ଞ ଓ ଘୃତଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯଜ୍ଞର କର୍ତା ଭାବେ ଶ୍ରୀ ବସନ୍ତ ଭୂୟାଁ, କର୍ତ୍ତୀ ଭାବେ ଶ୍ରୀମତୀ ସବିତା ଭୂୟାଁ ନିଷ୍ଠାର ସହିତ ଯଜ୍ଞ କାର୍ଯ୍ୟ ତୁଲାଇ ଥିଲେ । ପଣ୍ଡିତ ବିରୁପାକ୍ଷ ଦାସ ଶର୍ମା ଓ ବାସୁଦେବ ଶର୍ମାଙ୍କ ମନ୍ତ୍ର ଧ୍ୱନିରେ ଯଜ୍ଞ ସ୍ଥଳରେ ବେଶ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏହି ଦିନିକିଆ ଯଜ୍ଞରେ ଅଞ୍ଚଳରୁ ବହୁ ଭକ୍ତ ଯୋଗଦେଇ ହନୁମାନ ଜୀ ଙ୍କ କୃପା ଲାଭ କରିଥିଲେ ।ପୁରୋହିତ ପ୍ରସନ୍ନ କୁମାର ରଥ,ଆଚାର୍ଯ୍ୟ ନାରାୟଣ ଦାସ ଶର୍ମା ପ୍ରମୁଖ ଯଜ୍ଞ କାର୍ଯ୍ୟରେ



ସହଯୋଗ କରିଥିବା ବେଳେ ମନ୍ଦିର କମିଟି ସଭାପତି ଗୁରୁବାରୀ ବିଶ୍ୱାଳ,ସମ୍ପାଦକ ଅଭିମନ୍ୟୁ ଭୂୟାଁଙ୍କ ସମେତ ସ୍ଥାନୀୟ ବାସିନ୍ଦା ପରିଚାଳନାରେ ସହଯୋଗ କରିଥିଲେ ।

# ତିନିବର୍ଷର ଅଧ୍ୟୟନ ସରିଲା, ବିଦାୟ ନେଲେ ଛାତ୍ରଛାତ୍ରୀ

## ଉତ୍ତମ ନାଗରିକ ଓ ନିଜକୁ ଦାୟିତ୍ୱବାନ ହେବାକୁ ପରାମର୍ଶ ଦେଲେ ଅଧ୍ୟକ୍ଷ



**ବୌଦ୍ଧ ୧/୪(ନି.ପ୍ର):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ପୁରୁଣା କଟକ ଠାରେ ରାଜନୀତି ବିଜ୍ଞାନ ବିଭାଗର ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବ ରେ ମହାବିଦ୍ୟାଳୟ ଅଧକ୍ଷ ଡ,ରମେଶ ଚନ୍ଦ୍ର ତାରେନିଆ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟ ର ଅଧକ୍ଷ ହିମାଂଶୁ ଶେଖର ରାଉତ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘା ଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଅଧାପକ ସୁଦାମ ଚରଣ ପୃଷ୍ଟି ,ଲଳିତ କୁମାର ମେହେର, ଡ଼ ପ୍ରମୋଦ କୁମାର ମହକ୍ଷପାତ୍ର ,ସୁରେଶ୍ୱର ଯୋଶୀ, ପୀତବାସ ମେହେର, ଅଧାପିକା ସୁଭ୍ରା ମଲ୍ଲିକା ପ୍ରଧାନ,ପୂଜାରାନି ଦେଓ,ଦମୟନ୍ତୀ ନାଏକ ଯୋଗଦେଇ ବିଦାୟୀ ଛାତ୍ର ଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ରାଜନୀତି ବିଜ୍ଞାନ ର ଅଧାପକ ରଂଜିତ କୁମାର ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ । ମହାବିଦ୍ୟାଳୟ ର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ବାସୁଦେବପୁର ୧/୪(ନି.ପ୍ର):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ପଦ୍ମପୁର ଗ୍ରାମର ରକୁଣାଦେଇପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଧୁପାଳଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ବିଆରସିସି ଉର୍ମିଳା କର, ଅବସରପ୍ରାପ୍ତ ଏବିଓ ମିନା ମଲ୍ଲିକ୍ , ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗବନ୍ଧୁ ବଳ, ଅର୍ଜୁନ ମହାଲିକ, ତାପଶ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ କ୍ଷିରୋଦ ଦଳାଇ, ଗିରିଧାରୀ ମହାରଣା । ଅନ୍ୟ ସମ୍ମାନିତ ଅତିଥି ଭାବେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଭାପତି ରମ୍ଭା ମଣି ପଣ୍ଡା, ସମ୍ପାଦକ ଶାନ୍ତନୁ ପଳିତା, ଭଦ୍ରକ ଶିକ୍ଷକ ସଂଘ ପୂର୍ବତନ ସଭାପତି ରମେଶ ଚନ୍ଦ୍ର ପଣ୍ଡା, ପଦ୍ମପୁର କ୍ଲଷ୍ଟର ସିଆରସିସି ଅଜିତ ମହାରଣା ଏବଂ ସରପଞ୍ଚ ରାଜେନ୍ଦ୍ର ନାୟକ ଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହିଥିଲେ । ସଭାରେ ଉପସ୍ଥିତ ସମସ୍ତ ଅତିଥି ମାନେ ଅବସର ଗ୍ରହଣ କରୁଥିବା ଅକ୍ଷୟ ସାରଙ୍କୁ ଦୀର୍ଘ ୩୦ ବର୍ଷ ର ଶିକ୍ଷାଦାନ, ସମୟାନୁର୍ତ୍ତିତା ଏବଂ ତାଙ୍କର କର୍ମମୟ ଜୀବନ ଉପରେ ଆଲୋଚନା କରିଥିଲେ । ଦୀର୍ଘ ଦିନ ଧରି ଶିକ୍ଷକତା କରିଥିବା ଶିକ୍ଷକ ଙ୍କ ଛାତ୍ର ବତ୍ସଳ ଓ ସହକର୍ମୀ ମାନଙ୍କ ପ୍ରତି ଉଦାର ମନୋଭାବ ପାଇଁ ସେ ଆଜି ସେମାନଙ୍କ ହୃଦୟରେ ଚିର ନମସ୍ୟା ହୋଇଯାଇଛନ୍ତି ବୋଲି ଅଭିଭାଷଣରେ କହିଥିଲେ ।ଉକ୍ତ ବିଦ୍ୟାଳୟ ଓ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ ମାନଙ୍କ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ନାୟକ ବିଭିନ୍ନ ଉପହାର ସହିତ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଛାତ୍ର ଛାତ୍ରୀ, ଅଭିଭାବକ, ଗ୍ରାମ ବାସୀ, ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ । ।

# ବାସୁଦେବପୁର ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

## ରକ୍ତ ତୀର୍ଥ ଇରମ ପର୍ଯ୍ୟଟନସ୍ଥଳୀ ଭିତ୍ତିଭୂମିର ବିକାଶ ପାଇଁ ଅନୁଦାନ ରାଶି ମଞ୍ଜୁର

**ବାସୁଦେବପୁର ୧/୪(ନି.ପ୍ର):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଇରମକୁ ଏକ ପର୍ଯ୍ୟଟନସ୍ଥଳୀ ମାନ୍ୟତା ମିଳିଛି । ଦୀର୍ଘ ଦିନ ଧରି ବାସୁଦେବପୁର ବାସୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ରକ୍ତତୀର୍ଥ ଇରମ ର ବିକାଶ ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରୟାସ ଜାରି ରହିଥିଲା । ଗତ ପ୍ରାୟ ୮ ବର୍ଷ ତଳେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ପ୍ରଚେଷ୍ଟାରେ ଇରମର ବିକାଶ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା । ହେଲେ ସେତେବେଳର ସରକାର ଉକ୍ତ ରାଶିକୁ ବ୍ୟୟ କରିପାରିନଥିଲେ । ଚଳିତ ବର୍ଷ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ବର୍ତ୍ତମାନର ସରକାର ରକ୍ତତୀର୍ଥ ଇରମ ର ପର୍ଯ୍ୟଟନ ଭିତ୍ତିଭୂମି ର ବିକାଶ ପାଇଁ ଏକ କୋଟି ଟଙ୍କା ମଞ୍ଜୁର କରିବା ସହିତ ଜିଲ୍ଲା କୁ ତ୍ୱରିତ ବେଗରେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଉକ୍ତ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଓଡ଼ିଶା ସରକାର ଙ୍କ ର ନିର୍ଦ୍ଦେଶ କୁ ସମ୍ମାନ ଜଣାଇ ବାସୁଦେବପୁର ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ର ଆୟୋଜନ କରାଯାଇଥିଲା । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଭଦ୍ରକ ଜିଲ୍ଲା ବିଜେପି ଉପ



ସଭାପତି ଉଦୟ ନାରାୟଣ ମଲ୍ଲିକ୍, ଭାଜପା ଲିଗାଲ ସେଲ ପ୍ରମୁଖ ଡ଼ା ନିରୋଦ ଦାଶ, ପୂର୍ବତନ ମଣ୍ଡଳ ସଭାପତି ରମାକାନ୍ତ ସେଠୀ, ପୂର୍ବତନ ଇରମ ମଣ୍ଡଳ ସଭାପତି କୈଳାଶ ପଣ୍ଡା, ପୂର୍ବତନ ଜିଲ୍ଲା ଯୁବମୋର୍ଚ୍ଚା ଉପ ସଭାପତି ମହେଶ୍ୱର ଧଳ, କାଉଁସିଲର ଜଗବନ୍ଧୁ ଦାସ, ଭାଜପା କାର୍ଯ୍ୟକର୍ତ୍ତା ଅଶିତ ଦାସ, କମଳାକାନ୍ତ ବାରିକ, ଶ୍ରୀତମ ସାହୁ, ବଳଭଦ୍ର ବିଶ୍ୱାଳ, ହେମନ୍ତ ସନ୍ଧିବିଗ୍ରହ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଉଦୟ ନାରାୟଣ ମଲ୍ଲିକ୍ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଙ୍କୁ ଅଶେଷ ଧନ୍ୟବାଦ ପ୍ରଦାନ କରିଛନ୍ତି । ଏଭଳି ବିକାଶ କାର୍ଯ୍ୟ, ଭିତ୍ତିଭୂମି ର ବିକାଶ, ଲୋକାଭିମୁଖୀ ଉନ୍ନତିମୂଳକ କାର୍ଯ୍ୟ ଓଡ଼ିଶା ସରକାର ଙ୍କ ପକ୍ଷରୁ ପୂର୍ଣ୍ଣ ମାତ୍ରାରେ ଜାରି ରହିବ ବୋଲି ମତ ପ୍ରକାଶ କରିଛନ୍ତି ।

ଦେଖିବାକୁ ବାକି ରହିଲା ଓଡ଼ିଶା ସରକାର ଙ୍କ ପକ୍ଷରୁ ରକ୍ତତୀର୍ଥ ଇରମ ପର୍ଯ୍ୟଟନ ସ୍ଥଳୀ ଭିତ୍ତିଭୁମିର ବିକାଶ ପାଇଁ ମଞ୍ଜୁର ହୋଇଥିବା ଅର୍ଥ ର ସୁବିନିଯୋଗ କେବେ ହେଉଛି ଏବଂ ବାସୁଦେବପୁର ବାସୀଙ୍କ ସ୍ୱପ୍ନ କେବେ ସଫଳ ହେଉଛି ।



# 'ଚର୍ଚ୍ଚାର କୌଣସି ଅନ୍ତ ନାହିଁ'

ବଲିଉଡ୍ ଅଭିନେତ୍ରୀ କିଆରା ଆଡଭାନୀ ଏବଂ ଅଭିନେତା ସିଦ୍ଧାର୍ଥ ମଲହୋତ୍ରା ଫିଲ୍ମ 'ଶେର୍ସା'ରେ ଏକାଠି କାମ କରିଥିଲେ। ଫିଲ୍ମର ସୁଟିଂ ସମୟରେ ଉଭୟ ପ୍ରେମ କରୁଥିବା ଚର୍ଚ୍ଚା ହେଉଥିଲା। ଫିଲ୍ମର ସୁଟିଂ ସମାପ୍ତ ହେବା ପରେ ସେମାନଙ୍କୁ ଅନେକ ଥର ଏକାଠି ଦେଖାଯାଇଥିଲା। ଅବଶ୍ୟ, କିଛି ସମୟ ପୂର୍ବରୁ ସେମାନଙ୍କ ବ୍ରେକଅପ୍ ଖବର ଫ୍ୟାନ୍ସଙ୍କ ହୃଦୟ ଭାଙ୍ଗି ଦେଇଥିଲା। ଏବେ ଏହାକୁ ନେଇ ଅଭିନେତ୍ରୀ ମୁହଁ ଖୋଲିଛନ୍ତି। ଏକ ଇଣ୍ଟରଭ୍ୟୁରେ କିଆରା କହିଛନ୍ତି, ମୁଁ ଏହା ସହିତ ସମ୍ପୂର୍ଣ୍ଣ ସୁରକ୍ଷିତ ଅନୁଭବ କରେ ନାହିଁ। ବିଶେଷ କରି ଯେବେ ଏହା ମୋ ଏବଂ ମୋ ପରିବାର ବିଷୟରେ ହୋଇଥାଏ। ଖୁସିର କଥା, ମୋର ପ୍ରଫେସନାଲ ଲାଇଫରେ, ମୁଁ ଏହି ଗୁଜବର ସାମ୍ନା କରି ନାହିଁ, ଯାହା ହୁଏତ ମୋତେ କିମ୍ବା ମୋ ପରିବାରକୁ ପ୍ରଭାବିତ କରିପାରେ । ଯେତେବେଳେ ଦୁଇଜଣ ବ୍ୟକ୍ତି ପର୍ସନାଲ୍ ଲାଇଫରେ ଜଡିତ ହୁଅନ୍ତି, ମୁଁ ଆଶ୍ଚର୍ଯ୍ୟ ହୋଇଯାଏ ଏବଂ ଭାବେ, ଏହି ସବୁ (ଗୁଜବ) କେଉଁଠୁ ଆସୁଛି। କେବଳ ଏତିକି ନୁହେଁ, କିଆରା ମଧ୍ୟ ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ ତାଙ୍କ ବ୍ରେକଅପ୍ ଉପରେ କମେଣ୍ଟ ଦେଇ କହିଛନ୍ତି, "ଯଦି ଏହି ଗୁଜବଗୁଡ଼ିକ ଭଲ ହୋଇଯାଏ, ତେବେ ସ୍ୱାଭାବିକ ଭାବେ ପରିବାର ଏହାକୁ ପ୍ରଶଂସା କରନ୍ତି ନାହିଁ। ମୋତେ କଷ୍ଟ ଦେଉଥିବା କଥା ହେଉଛି, ଯେତେବେଳେ ତୁମେ କାମ କର, ଦିନର ଶେଷରେ ତୁମର କାମ ଅନ୍ୟ ଜିନିଷ ନୁହେଁ ସ୍ପୋଟଲାଇଟରେ ଆସିବା ଉଚିତ। କିନ୍ତୁ ଆପଣ ଏହା ବିଷୟରେ କିଛି କରିପାରିବେ ନାହିଁ। ମୁଁ ଅନୁମାନ କରୁଛି, ମୋତେ ନିଜ ଉପରେ ଏକ ମୋଟା ଚର୍ମ ବଢାଇବାକୁ ପଡିବ ଏବଂ ଆଖି ବନ୍ଦ କରିବାକୁ ପଡିବ, କାରଣ ଏହାର କୌଣସି ଅନ୍ତ ନାହିଁ। ମୁଁ ଜାଣିବାକୁ ଚାହେଁ, ଏହି ଚିଲି ମସାଲାର ଉତ୍ସ କିଏ।

# ଜୋତା ବିକୁଛନ୍ତି ପାକିସ୍ତାନ ଅମ୍ପାୟାର ଅସଦ୍ ରୌଫ୍





୧୭୦ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚରେ ଅମ୍ପାରିଂ ସହ ୪୯ ଟେଷ୍ଟ, ୯୮ ଏକ ଦିବସୀୟ ଆଉ ୨୩ ଟି-୨୦ ମ୍ୟାଚ୍‌ରେ ଅମ୍ପାୟାରିଂ କରିଛନ୍ତି।। ଆଇସିସି ଏମ୍ପାୟାର୍ସ ଏଲିଟ୍ ପ୍ୟାନେଲରେ ସେ ଜଣେ ସଦସ୍ୟ । ୨୦୦୦ରୁ ୨୦୧୩ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟରେ ଅମ୍ପାରିଂ କରିଥିବା ପାକିସ୍ତାନୀ ଅମ୍ପାୟାର ଅସଦ୍ ରୌଫ୍ ଏବେ ଦୋକାନରେ ବସି ଜୋତା ବିକୁଛନ୍ତି । ଦେଖନ୍ତୁ ଏହି ଚେହେରାକୁ, ଟିଭି ପରଦାରେ କ୍ରିକେଟ୍ ଫିଲ୍ଡରେ ନିଶ୍ଚୟ ତାଙ୍କୁ ଦେଖିଥିବେ । ହେଲେ କେବେ ଭାବି ନଥିବେ ତାଙ୍କୁ ଏମିତି ଦୋକାନରେ ଜୋତା ବିକ୍ରି କରୁଥିବା ଅବସ୍ଥାରେ ଦେଖିବାକୁ । ବିଶ୍ୱାସ ଲାଗୁନଥିଲେ ମଧ୍ୟ ଏହା ସତ । ପରିସ୍ଥିତି ତାଙ୍କୁ ଏଭଳି କରିବାକୁ ବାଧ୍ୟ କରିଛି । ଲାହୋରର ଲାଣ୍ଡା ବଜାରରେ ଏକ ଦୋକାନ ଖୋଲିଛନ୍ତି ଅସଦ୍ ରୌଫ । ୬୬ ବର୍ଷିୟ ଅସଦ୍ ୨୦୧୩ ମସିହାରୁ କ୍ରିକେଟ୍ ଜଗତରୁ ସମ୍ପୂର୍ଣ୍ଣ ଦୂରେଇ ଯାଇଛନ୍ତି । ୨୦୧୩ରେ ଅସଦଙ୍କ ବିରୋଧରେ ସ୍ପଟ୍ ଫିକ୍ସିଂ ଅଭିଯୋଗ ଆସିଥିଲା । ଆଇପିଏଲ୍ ରେ ଅମ୍ପାୟାରିଂ କରୁଥିବା ବେଳେ ଅସଦ୍ ବୁକିଙ୍କଠାରୁ ମୋଟା ରକମର ଗିଫ୍ଟ ନେଇଥିବାର ଅଭିଯୋଗ ହୋଇଥିଲା । ଏହି ଅଭିଯୋଗର ତଦନ୍ତ କରିଥିଲା ଡିସିପ୍ଲିନାରି କମିଟି । ୨୦୧୬ରେ କମିଟି ରିପୋର୍ଟରେ ଅସଦ୍ ଦୋଷୀ ସାବ୍ୟସ୍ତ ହେବା ପରେ ବିସିସିଆଇ ତାଙ୍କୁ ୫ ବର୍ଷ ପାଇଁ ବ୍ୟାନ୍ କରିଥିଲା । ୨୦୧୨ରେ ଅସଦଙ୍କ ବିରୋଧରେ ଯୌନ ଶୋଷଣ ଓ ପ୍ରତାରଣା ଅଭିଯୋଗ ଆସିଥିଲା । ବିବାହ କରିବାର ପ୍ରତିଶ୍ରୁତି ଦେଇ ଅସଦ ଶାରୀରିକ ସମ୍ପର୍କ ରଖିଥିଲେ, ଏବଂ ପରେ ପ୍ରତାରଣା କରିଥିଲେ ବୋଲି ମୁମ୍ବାଇର ଜଣେ ମଡେଲ୍ ଅଭିଯୋଗ କରିଥିଲେ । ତେବେ ମ୍ୟାଚ୍ ଫିକ୍ସିଂ ଏବଂ ଯୌନ ଶୋଷଣ ଅଭିଯୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିଛନ୍ତି ଅସଦ୍ । କେବଳ ରୋଗିଣା ପୁଅକୁ ଅଧିକ ସମୟ ଦେବା ପାଇଁ ସେ କ୍ରିକେଟ୍ ଜଗତଠାରୁ ଦୂରେଇ ଯାଇଛନ୍ତି ବୋଲି ଅସଦ୍ ରୌଫ୍ କହିଛନ୍ତି ।

# ଝିଅ ବାହାଘରରେ ଯୌତୁକ ଦିଆଯାଏ ସାପ

ଏମିତିରେ ତ ଭାରତରେ ଯୌତୁକ ନେବା ଏକ ଦଣ୍ଡନୀୟ ଅପରାଧ ଅଟେ। ତଥାପି କେଉଁଠି ନା କେଉଁଠି ଯୌତୁକଜନିତ ଅପରାଧ ସ୍ପଷ୍ଟ କରୁଛି ଯେ,ଏବେ ବି ସମାଜରେ ଯୌତୁକକୁ ପ୍ରଶୟ ଦେଇଛନ୍ତି ଲୋକେ। ସାଧାରଣତଃ ଯୌତୁକରେ ଝିଅର ବାପା କିଛି ଟଙ୍କା ବା ଦାମୀ ଉପହାର ଝିଅର ଶାଶୂଘରକୁ ଦିଅନ୍ତି, କିନ୍ତୁ ଆପଣ ଶୁଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଭାରତରେ ଏମିତି କିଛି ଅଞ୍ଚଳ ରହିଛି, ଯେଉଁଠି ଝିଅ ବାହାଘରରେ ଯୌତୁକରେ ଦିଆଯାଏ ସାପ, ତା ପୁଣି ବିଷାକ୍ତ ସାପ। ଏହି କଥା ଶୁଣିବା ପରେ ଅବଶ୍ୟ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥାଇପାରେ କିନ୍ତୁ ଏହ ସତ। ଏବଂ ଏହାକୁ ଏକ ପରମ୍ପରା ବୋଲି ମାନନ୍ତି ଲୋକମାନେ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ମଧ୍ୟପ୍ରଦେଶର ଗୌରିଆ ଜନଜାତିର ଲୋକଙ୍କ ମଧ୍ୟରେ ଏହି ଅଦ୍ଭୁତ ପରମ୍ପରା ଶତାବ୍ଦୀ ଧରି ଚାଲିଆସୁଛି। ଗୌରିଆ ଜନଜାତିର ଲୋକମାନେ ନିଜ ଝିଅକୁ ବିବାହ କରିବା ପରେ ଜ୍ୱାଇଁକୁ ୨୧ ଟି ବିଷାକ୍ତ ସାପ ଯୌତୁକରେ ଦିଅନ୍ତି। ଏହି ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଏକ ବିଶ୍ୱାସ ଅଛି ଯେ ଗୋଟିଏ ଝିଅର ବିବାହରେ ସାପ ଦେବା ଦ୍ୱାରା ସ୍ୱାମୀ-ସ୍ତ୍ରୀ ମଧ୍ୟରେ ସମ୍ପର୍କକୁ ମଜବୁତ କରିଥାଏ। ସେହି ସମୟରେ, ଯଦି ଆପଣ ଏହା ନକରନ୍ତି ଅର୍ଥାତ୍ ଯଦି ଯୌତୁକରେ ବିଷାକ୍ତ ସାପ ନଦିଅନ୍ତି, ତେବେ ବର-କନ୍ୟାଙ୍କ ମଧ୍ୟରେ ଭାଙ୍ଗିଯାଏ। ସ୍ଥାନୀୟ ଲୋକ କୁହନ୍ତି ଯେ ଝିଅର ବିବାହ ସ୍ଥିର ହେବା ପରେ ସମ୍ପ୍ରଦାୟରେ ଝିଅର ପିତା ଯୌତୁକ ଦେବା ପାଇଁ ସାପ ଧରିବା ଆରମ୍ଭ କରନ୍ତି। ଆପଣ ମଧ୍ୟ ଗୌରିଆ ଜନଜାତିର ଲୋକଙ୍କ ଘରେ ବିଷାକ୍ତ ସାପ ସହିତ ଖେଳୁଥିବା ପିଲାମାନଙ୍କୁ ଦେଖିବାକୁ ପାଇବେ। ସୂଚନା ଥାଉକି, ଗୌରିଆ ସମ୍ପ୍ରଦାୟର ଲୋକମାନଙ୍କର ମୁଖ୍ୟ ବୃତ୍ତି ହେଉଛି ସାପ ପୋଷିବା ସହିତ ଖେଳ ପ୍ରଦର୍ଶନ କରି ପରିବାର ପ୍ରତିପୋଷଣ କରିବା। କୁହାଯାଏ ଯେ ଯଦି ସାପଟି ସେମାନଙ୍କ ବାକ୍ସରେ ମରିଯାଏ, ତେବେ ସମଗ୍ର ପରିବାରକୁ କେଶ ଉପାଡ଼ିବାକୁ ପଡ଼ିବ। ଏହା ସହିତ, ଏହି ସମ୍ପ୍ରଦାୟର ସମସ୍ତ ଲୋକଙ୍କୁ ଏକ ଭୋଜି ଦେବାକୁ ପଡ଼ିବ। ତେବେ ଏ ଘଟଣା ଏବେ ନୁହେଁ କାହିଁ କେଉଁ ଦିନରୁ ଏହି ପରମ୍ପରା ମଧ୍ୟପ୍ରଦେଶର ଗୌରିଆ ଦମ୍ପ୍ରଦାୟରେ ଚାଲି ଆସିଛି।



# ଫେସ୍‌ବୁକ୍‌ରେ ୧.୮ କୋଟି ଟଙ୍କାର ଚାକିରି ଅଫର



କୋଲକାତାର ଯାଦବପୁର ୟୁନିଭରସିଟିର ଜଣେ ଛାତ୍ର ଫେସ୍‌ବୁକ୍‌ରେ ବାର୍ଷିକ ପ୍ୟାକେଜ୍ ୧.୮ କୋଟି ଟଙ୍କାର ଚାକିରି ଅଫର ପାଇ ଏବେ ଚର୍ଚ୍ଚା ପାଲଟିଛନ୍ତି। ଫେସ୍‌ବୁକ୍ ପୂର୍ବରୁ ତାଙ୍କୁ ଗୁଗୁଲ୍ ଓ ଆମାଜନ୍‌ରୁ ଚାକିରି ଅଫର ମିଳିଥିଲେ ବି ସେ ତାହାକୁ ଗ୍ରହଣ ନକରି ଫେସ୍‌ବୁକ୍‌ରେ ଚାକିରି କରିବାର ନିଷ୍ପତ୍ତି ନେଇଥିଲେ। ୟୁନିଭରସିଟିରେ ଚଳିତବର୍ଷ ଯେତେ ଜଣ ଛାତ୍ର ପଢୁଥିଲେ ସମସ୍ତଙ୍କଠାରୁ ଅଧିକ ଦରମାରେ ଚାକିରି ଅଫର ପାଇଛନ୍ତି ଏହି ଯୁବକ। ଏହି ଯୁବକଙ୍କ ନାମ ବିଶାଖ ମୋଣ୍ଡଲ୍। ତାଙ୍କୁ ଗୁଗୁଲ୍ ଓ ଆମାଜନ୍‌ରୁ ଚାକିରି ଅଫର ମିଳିଥିଲେ ବି ଅଧିକ ଦରମା ହେତୁ ସେ ଫେସ୍‌ବୁକ୍‌କୁ ଚୟନ କରିଥିବା ଜାଣିବାକୁ ମିଳିଛି। ସେ ଆସନ୍ତା ସେପ୍ଟେମ୍ବର ମାସରୁ ବିଧିବଦ୍ଧ ଭାବେ ଫେସ୍‌ବୁକ୍‌ରେ ଜଣେ କର୍ମଚାରୀ ଭାବେ ଯୋଗ ଦେବେ। ବିଶାଖ ହେଉଛନ୍ତି ୟୁନିଭରସିଟିର କମ୍ପ୍ୟୁଟର ସାଇନ୍ସ ଆଣ୍ଡ୍ ଇଞ୍ଜିନିୟରିଂର ଚତୁର୍ଥ ବର୍ଷର ଛାତ୍ର। ବିଶାଖ ଲଣ୍ଡନରେ ଚାକିରି କରିବେ। ଆସନ୍ତା ସେପ୍ଟେମ୍ବରରେ ସେ ଲଣ୍ଡନ ଯିବେ ବୋଲି ସ୍ଥିର ହୋଇଛି। ସେ ସାକ୍ଷାତ୍‌କାର ଦେଇ କହିଛନ୍ତି, 'ମଙ୍ଗଳବାର ରାତିରେ ମୋତେ ଏହି ଚାକିରି ଅଫର ମିଳିଛି। ୨ ବର୍ଷ ହେଲା କରୋନା ପାଇଁ ଲାଗୁ ହୋଇଥିବା ଲକ୍‌ଡାଉନ୍ ସମୟରେ ମୁଁ ବିଭିନ୍ନ ସଂସ୍ଥାରେ ଇଣ୍ଟର୍ଣ୍ଣ ଭାବେ କାମ କରିଛି। ତାହାହିଁ ମୋତେ ଇଣ୍ଟରଭିୟୁ ପାସ୍ କରିବାକୁ ସାହାଯ୍ୟ କଲା।' ତାଙ୍କ ମାଆ ଜଣେ ଅଙ୍ଗନବାଡ଼ୀ କର୍ମୀ ହୋଇଥିବା ବେଳେ ସେ କହିଛନ୍ତି କି, ବିଶାଖ ପିଲାଟି ଦିନରୁ ହିଁ ପାଠ ପଢ଼ାରେ ଖୁବ୍ ଭଲ।

# ମୃତ ବ୍ୟକ୍ତିଙ୍କ ସ୍ୱରରେ କଥା ହେବ ଆଲେକ୍ସା



ଟେକ୍ନୋଲୋଜି ଦିନକୁ ଦିନ ଉନ୍ନତ ହେଉଛି। ଗୁଗଲ ଭଏସ୍ ଆସିଷ୍ଟାଣ୍ଟ ଏବଂ ଆଲେକ୍ସା ଏହାର ଜ୍ୱଳନ୍ତ ଉଦାହରଣ। ଅନେକ ବର୍ଷ ପୂର୍ବରୁ ଫିଲ୍ମରେ ଏହିଭଳି ଏହାର ଉଲ୍ଲେଖ ରହିଛି। ସେବେ ଲୋକମାନେ ଚିନ୍ତା କରୁଥିଲେ କି ରିୟଲ ଲାଇଫରେ ଏମିତି ଟେକ୍ନୋଲୋଜି କଣ ସତରେ ଆସିବ ? କିନ୍ତୁ ଏହିଭଳି ଟେକ୍ନୋଲୋଜି ଏବେ ଆମେ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଛନ୍ତି। ଏମିତି ଏକ ବିକଶିତ ଫିଚର ଆମାଜନ ଆଲେକ୍ସାରେ ଦେଖିବାକୁ ମିଳିବ। ରିପୋର୍ଟ ଅନୁସାରେ କମ୍ପାନୀ ଏକ ନୂଆ ଫିଚର ଉପରେ କାମ କରୁଛି। ଏହି ଫିଚର ସାହାଯ୍ୟରେ ଆଲେକ୍ସା କୌଣସି ମୃତ ବ୍ୟକ୍ତିଙ୍କ ସ୍ୱରରେ ଆପଣଙ୍କ ସହ କଥାବାର୍ତ୍ତା ହେବ। ଯାହାର କୌଣସି ନିଜ ଲୋକ ତାଙ୍କୁ ଛାଡି ଆରପାରିକୁ ଚାଲିଯାଇଛନ୍ତି ସେମାନେ ସେହି ଦୁଃଖ ଜାଣିଛନ୍ତି। ସେମାନଙ୍କ କଥା ସବୁବେଳେ ମନେ ପଡେ। ଆଉ ସେହି ସ୍ୱର ଶୁଣିବାକୁ ମିଳେନି । କିନ୍ତୁ ଏହି ଦୁଃଖ ଏବେ ଦୂର କରିବ ଆଲେକ୍ସା। ଏନେଇ ସୂଚନା ଦେଇଛନ୍ତି କମ୍ପାନୀର ସିନିୟର ଭାଇସ ପ୍ରେସିଡେଣ୍ଟ ରୋହିତ ପ୍ରସାଦ। ରୋହିତ କହିଛନ୍ତି କି ଲୋକଙ୍କ ସ୍ମୃତିକୁ ବଜାୟ ରଖିବା ପାଇଁ ସେ ଏହି ଫିଚର ଉପରେ କାମ କରୁଛନ୍ତି। ଏହା ଲୋକଙ୍କୁ ହରାଇବାର ଦୁଃଖ କମ୍ କରିବ। ସେ ଏହାର ଏକ ଡେମୋ ମଧ୍ୟ ଦେଖାଇଛନ୍ତି। ରୋହିତ ଏକ ଭିଡିଓ ପ୍ଲେ କରିଛନ୍ତି ଯେଉଁଥିରେ ଆଲେକ୍ସା ମଣିଷ ଭଳି କଥା କହୁଛି । ତେବେ ଏହି ଫିଚର କେବେ ରିଲିଜ ହେବ ସେନେଇ କିଛି ସୂଚନା ମିଳିନି। ତେବେ ଏଥିରେ ସିକ୍ୟୋରିଟି ସୁବିଧା ମଧ୍ୟ ରହିବ। ଅର୍ଥାତ୍ କୌଣସି ସେଲିବ୍ରିଟିଙ୍କ ସ୍ୱର ବ୍ୟବହାର କରିବା ପାଇଁ ତାଙ୍କ ଅନୁମତି ଦରକାର ପଡିପାରେ।

# ଅନ୍‌ଲାଇନ୍ ବ୍ଲଗିଂ କରି କୋଟିପତି



ବିହାରର ଛାପ୍ରା ଜିଲ୍ଲାର ବନସୋହି ଗ୍ରାମର ଜଣେ ଯୁବକଙ୍କ କହିବାନୁଯାୟୀ ସେ ଅନ୍‌ଲାଇନ୍ ବ୍ଲଗିଂ କରି କୋଟିପତି ବନି ପାରିଛନ୍ତି। ଯୁବକ ଜଣକ ହେଉଛନ୍ତି ବିକାଶ କୁମାର। ନିକଟରେ ଏକ ସାକ୍ଷାତ୍‌କାରରେ ବିକାଶ କହିଛନ୍ତି ଯେ ସେ ଏକ ବ୍ଲଗିଂ ୱେବ୍‌ସାଇଟ୍ ତିଆରି କରି ତାହାକୁ ବିକ୍ରି କରିବା ପରେ କୋଟିପତି ହୋଇପାରିଛନ୍ତି। ତାଙ୍କ କହିବା କଥା ହେଉଛି ୨୫ ବର୍ଷ ବୟସ ହେବା ପୂର୍ବରୁ ହିଁ ସେ ଜଣେ କୋଟିପତି ବନି ପାରିଛନ୍ତି। ଏବେ ବି ସେ କିଛି ବ୍ଲଗ୍ ଉପରେ କାମ କରୁଛନ୍ତି। ଏହାଛଡ଼ା ସେ ଆପ୍ ଡେଭ୍‌ଲପ୍ ବି କରୁଛନ୍ତି। ବିଟେକ୍ କରିବା ପରେ ଆଜି ପର୍ଯ୍ୟନ୍ତ ସେ କୌଣସି ପ୍ରକାରର ଚାକିରି କରିନାହାନ୍ତି। ହେଲେ ବି ଖୁବ୍ କମ୍ ବୟସ ମଧ୍ୟରେ ସେ ଜଣେ କୋଟିପତି ବନି ନିଜ ଦକ୍ଷତାର ପରିଚୟ ଦେଇ ସାରିଛନ୍ତି। ସେ ଆଗକୁ ଚାକିରି କରିବେ ବୋଲି ତାଙ୍କ ସାକ୍ଷାତ୍‌କାରରେ କହିଛନ୍ତି। ତାଙ୍କ ପରିବାରର ଆର୍ଥିକ ସ୍ଥିତି ସେତେ ଭଲ ନଥିଲା। ମାତ୍ର ତାଙ୍କ ବ୍ଲଗିଂ କରିବା ଦକ୍ଷତା ତାଙ୍କ ଅବସ୍ଥାକୁ ସୁଧାରିବାରେ ସହାୟକ ହୋଇଛି। ସେ ଏବେ ତାଙ୍କ ଗାଁରେ ଏକ ସୁନ୍ଦର ଘରଟିଏ ବି କରି ସାରିଛନ୍ତି। ବିଟେକ୍ ତୃତୀୟ ସେମିଷ୍ଟାରରୁ ହିଁ ସେ ଆର୍ଟିକିଲ୍ ଲେଖି ଟଙ୍କା ରୋଜଗାର କରିବା ଆରମ୍ଭ କରି ଦେଇଥିଲେ। ଯେଉଁଥିରେ ତାଙ୍କ ହାତ ଖର୍ଚ୍ଚ ଉଠି ଯାଉଥିଲା। ସେ ପାଠ ପଢ଼ିବା ପାଇଁ ଋଣ କରିଥିଲେ। ପାଠ ପଢ଼ିବା ବେଳେ ଋଣ ଚିନ୍ତା ସବୁବେଳେ ତାଙ୍କ ମୁଣ୍ଡରେ ରହୁଥିଲା। ମାତ୍ର ତାଙ୍କର ଏହି ଅନ୍‌ଲାଇନ୍ କାର୍ଯ୍ୟ ସେ ସବୁ ଚିନ୍ତାକୁ ଦୂର କରିଦେଲା।

## କୁଟୁରୁଖମା ର ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠ ଉତ୍କଳ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାର ଶୁଭାରମ୍ଭ



ଭବାନୀପାଟଣା ତା ୧/୪/୨୫(ଜଗନ୍ନାଥ ଏକ୍ସପ୍ରେସ)କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ କୁଟୁଖମର ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠରେ ଉତ୍କଳ ଦିବସ ପାଳନ କରିବା ସାଙ୍ଗେ ସରକାରଙ୍କ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମଧାହ୍ନ ଭୋଜନର ଶୁଭାରମ୍ଭ କରାଯାଇଥିଲା । ଏହି ପୋଷଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପାର୍ଥିବ ଖଡିକର , ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟିର ସଦସ୍ୟ ଶ୍ରୀଯୁକ୍ତ ମଞ୍ଜୁର ଅଲ୍ଲୀ ଖାଁ , ସହ ଶିକ୍ଷକ ଶ୍ରୀଯୁକ୍ତ ବସନ୍ତ କୁମାର ମିଶ୍ର, ଦିଲୀପ କୁମାର ଜେଠି, ସନ୍ଧ୍ୟାରଣି ପଣ୍ଡା, ବିରେନ୍ଦ୍ର କୁମାର ନାଏକ,ପ୍ରତାପ କୁମାର ରଥ ଓ ପିଟି ଶିକ୍ଷକ ସୁବାସ ନାଗ ସହ ବିଦ୍ୟାଳୟର ସମସ୍ତ ସହକର୍ମୀ ଉପସ୍ଥିତ ରହି ଆଜିର ଉତ୍କଳ ଦିବସ ପାଳନରେ ସହଯୋଗ କରିବା ସହିତ, ମୁଖ୍ୟମନ୍ତ୍ରୀ ପୋଷଣ ଦିବସ ଯୋଜନାର ଶୁଭାରମ୍ଭ ରେ ସହଯୋଗ କରି ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ପୋଷଣ ଯୁକ୍ତ ଖାଦ୍ୟ ବଣ୍ଟନ କରାଗଲା । ଶେଷରେ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପାର୍ଥିବ ଖଡ଼ିକର ସମସ୍ତ ସହ ଶିକ୍ଷକ , ବିଦ୍ୟାଳୟ ଉନ୍ନୟନ କମିଟିର ସଦସ୍ୟ ମାନଙ୍କୁ ଧନ୍ୟବାଦ୍ ଜଣାଇଥିଲେ।

## ଭବାନୀପାଟଣା ରିଜର୍ଭ ପୋଲିସ ପଡ଼ିଆ ଠାରେ ପୋଲିସ ପ୍ରତିଷ୍ଠା ଦିବସ



ଭବାନୀପାଟଣା ତା ୨୩/୩/୨୫(ଜଗନ୍ନାଥ ଏକ୍ସପ୍ରେସ୍) କଳାହାଣ୍ଡି ଜିଲ୍ଲା ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଭବାନୀପାଟଣା ରିଜର୍ଭ ପୋଲିସ ପଡ଼ିଆ ଠାରେ କଳାହାଣ୍ଡି SP ନାଗରାଜ ଦେବର କେଣ୍ଡାଙ୍କ ନେତୃତ୍ୱରେ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏପ୍ରିଲ ପହିଲା ଦିନଟିକୁ ଓଡ଼ିଶା ଦିବସ ରୂପେ ପାଳନ କରାଯାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର କର୍ଣ୍ଣଧାର ମାନଙ୍କୁ ସମ୍ମାନ ଅର୍ପଣ କରାଯାଇଛି । ଏହି ଦିନରେ ରାଜ୍ୟରେ ପ୍ରତିଷ୍ଠା ହୋଇଥିଲା ରାଜ୍ୟର ସୁରକ୍ଷା ବାହିନୀ ଓଡ଼ିଶା ପୋଲିସ । ଏହି ପରିପ୍ରେକ୍ଷୀରେ ଆଜି କଳାହାଣ୍ଡି ଜିଲ୍ଲା ପୋଲିସ ପକ୍ଷରୁ ୯୦ ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ସ୍ଥାନୀୟ ରିଜର୍ଭ ପଡ଼ିଆ ଠାରେ ପାଳିତ ହୋଇଥିବା ବେଳେ, ସୁରକ୍ଷା ବାହିନୀରେ ପୋଲିସ, ଟ୍ରାଫିକ ନିୟନ୍ତ୍ରଣ ପୋଲିସ, ବାଟାଲିୟନ ପୋଲିସ ଆଦି ସାମିଲ ହୋଇଥିଲେ । ଆଜିର କାର୍ଯ୍ୟକ୍ରମରେ କଳାହାଣ୍ଡି ୫ଚ ନାଗରାଜ ଦେବର କେଣ୍ଡା ଉପସ୍ଥିତ ରହି ଆୟୋଜିତ ପ୍ୟାରେଡରେ ଅଭିବାଦନ କରିଥିବା ବେଳେ , ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ପାଓ୍ୱାର ସଚିନ୍ ପ୍ରକାଶ ଯୋଗଦେଇ ନିଜ ମାଟି ପାଇଁ ସଭିଏଁ ଏକାଠି ହୋଇ କାମ କରିବା ସହିତ ଜିଲ୍ଲାର ବିକାଶ ପାଇଁ ସମସ୍ତଙ୍କ ଇଚ୍ଛା ଶକ୍ତି ବୃଦ୍ଧି କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପୋଲିସ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ଜଙ୍ଗଲ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଭିଡିଓ ଦ୍ୱାରା ଲୋକଙ୍କୁ ସଚେତନ

କେସିଙ୍ଗା ତା୧/୪/୨୫(ଜଗନ୍ନାଥ ଏକ୍ସପ୍ରେସ୍)କଳାହାଣ୍ଡି ଜିଲା କେସିଙ୍ଗା ବନାଞ୍ଚଳର ରେଞ୍ଜର ଏସ୍.ଏସ୍.ବଳୀୟାରସିଂଙ୍କ ନେତୃତ୍ୱରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଗ୍ରାମରେ ଭିଡିଓ ଦ୍ୱାରା ଲୋକଙ୍କୁ ସଚେତନତା କରାଯାଇଛି । କେସିଙ୍ଗା ରେଞ୍ଜ ଅଧୀନସ୍ଥ ବିଭିନ୍ନ ଗ୍ରାମରେ ବସବାସ କରୁଥିବା ଜନସାଧାରଣ ତଥା ମହିଳା ଗୋଷ୍ଠୀ, ଯୁବତୀ-ଯୁବକ, ବୃଦ୍ଧା-ବୃଦ୍ଧଙ୍କୁ ଦିବାରାତ୍ରି ଏକ ଭିଡିଓ ପ୍ରଦର୍ଶନ କରି ଜଙ୍ଗଲ ଓ ଜୀବଜନ୍ତୁ, ଜଙ୍ଗଲ ପରିବେଶ, ଜଳବାୟୁ ପରିବର୍ତ୍ତନ ସହ ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା କେମିତି କରାଯିବ ସେଥିପାଇଁ ଗ୍ରାମଗ୍ରାମ ବୁଲି ଭିଡିଓ ପ୍ରଦର୍ଶନ କରାଯାଉଛି । ଏହି ରେଞ୍ଜ ଅଧୀନସ୍ଥ ସୌରା ପଦର,ବାହାଦୂର ପିଟା, ଡୁମେରମୁଣ୍ଡା, କୁର୍ଲୁପଡ଼ା, ବଗାଡ଼, ତସହସିର ଆଦି ଗ୍ରାମରେ ଏହି ସଚେତନତା କରାଯାଇଛି ।

# ଗ୍ରାମଅଂଚଳରେ ଜୋରସୋର ରେ ଚାଲିଛି କୁକୁଡା ଲଡେଇ ଓ ଦେଶୀମଦ ବେପାର

ନବରଂଗପୁର **୧/୪(ନି.ପ୍ର):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଧୀନ କନ୍ୟାଶ୍ରମ ଏବଂ ଉମରାହାଣ୍ଡି ଗ୍ରାମରେ ଚାଲିଛି କୁକୁଡା ଲଡେଇ ଓ ଦେଶୀମଦ ବେପାର। ଏହି କୁକୁଡ଼ା ଲଢ଼େଇରେ ନବରଙ୍ଗପୁର ଜିଲ୍ଲାର ଭିନ୍ନ ଭିନ୍ନ ଅଞ୍ଚଳରୁ ବହୁ ଲୋକ କୁକୁଡ଼ା ଲଢ଼େଇ ଖେଳ ଖେଳିବାକୁ ଆସିଥାନ୍ତି ।କୁକୁଡ଼ା ଲଢ଼େଇ ମାଧ୍ୟମରେ ବଡ଼ ଧରଣର ଜୁଆଖେଳ ଚଲାଇଥାନ୍ତି ମାଫିଆମାନେ। ଏହି ଖେଳ ଯଦିଓ ଛଟ ଦେଖାଯାଏ କିନ୍ତୁ ପ୍ରତୀ ଖେଳରେ ଲକ୍ଷାଧିକ ଟଙ୍କାର ଖେଳ ହୁଅ। ଏହା ଗ୍ରାମ ର କିଛି ମୁଷ୍ଟିମେୟ ବ୍ୟକ୍ତି ଖେଳ ଖେଳାଉଥିବା ଦଲାଲ ଙ୍କ ସହ ମିଶି ଖେଳ କରାଇଥାନ୍ତି। ଏହି କୁକୁଡ଼ା ଲଢ଼େଇ କନ୍ୟାଶ୍ରମ ଓ ଉମରାହାଣ୍ଡି ଗ୍ରାମରେ ପ୍ରାୟ ପ୍ରତିଦିନ ଅପରାହ୍ନ ୩ ଘଣ୍ଟ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲୁଛି । ସବୁଠୁ ଆଶ୍ଚର୍ଯ୍ୟର କଥା ଡାବୁଗାଁରୁ ମାତ୍ର ୧ କିଲୋମିଟର ଦୂରରେ କନ୍ୟାଶ୍ରମ ଏବଂ ୨ କିଲ ମିଟର ଦୂରରେ ଉମରହଣ୍ଡି ଗ୍ରାମ। କିନ୍ତୁ ପୋଲିସ ସୂଚନାପାଇ କୁକୁଡ଼ା ଲଢ଼େଇ ଚାଲିଥିବା ସ୍ଥାନରେ ପହଂଚିବା ସମୟରେ ସମସ୍ତେ ସେହି ସ୍ଥାନରୁ ପଳାଉଛନ୍ତି । ମାଫିଆ ମାନେ ଖସି ପଳାଇବାର କାରଣ ପୋଲିସ ଯିବାର ପୂର୍ବ ସୂଚନା ସେମାଙ୍କୁ ମିଳିଯାଉଛି.. କିଏ ସେମାଙ୍କୁ ପୂର୍ବ ସୂଚନା ଦେଉଛି ତାହା ସନ୍ଦେହ ଘେରରେ ରହିଯାଇଛି। କୁକୁଡ଼ା ଗାଲି ଖେଳ ସହ ଜୁଆ ଓ ମଦ କାରବାର ଭଳି ନିନ୍ଦନୀୟ ପ୍ରଥାକୁ ପରୋକ୍ଷରେ ଅବକାରୀ ବିଭାଗ ଏବଂ ପ୍ରତ୍ୟେକ୍ଷ ଭାବରେ ଅସାମାଜିକ ଲୋକଙ୍କ ଯଗୁଁ ଥମିବା ବଦଳରେ ୍ଡିବାକୁ ଲାଗିଛି। ଆମ ଅଞ୍ଚଳରେ କୁକୁଡ଼ା ଗାଲି, ଜୁଆ,ମଦ ଭଳି ନିନ୍ଦନୀୟ କାର୍ଯ୍ୟରେ ଲିପ୍ତ ରହି ଆଦିବାସୀ ଭାଇମାନେ ନିଜର ସଞ୍ଚିତ ଅର୍ଥ ବ୍ୟୟ କରି ଦେଉଛନ୍ତି ।ଫଳରେ ଆର୍ଥିକ ଏବଂ ସାମାଜିକ ଅବସ୍ଥା ବିଗଡିବାରେ ଲାଗିଛି ,ସାଧାରଣତ ଗାଁ ଗହଳିର ଛୋଟଛୋଟ ଛୁଆମାନେ ମଧ ଆକର୍ଷିତ ହୋଇ ଏଠାକୁ ଚାଲି ଆସନ୍ତି ଏବଂ ଜୁଆରେ ହାରିବା ପରେ ଦେଶୀମଦ ପିଇ ନିଶାସକ୍ତ ଅବସ୍ଥା ରେ ଘରକୁ ଫେରୁଥିବା ଦେଖିବାକୁ ମିଳୁଛି । ଯାହା ଫଳରେ ଏହି ଅଞ୍ଚଳରେ ବିକାସ ପାଇଁ ଯେଉଁ ସବୁ ଯୋଜନା କରୁଛନ୍ତି ସରକାର ତାହା ସଫଳ ରୂପାୟନ ହୋଇପାରୁନି । ବହୁ ଅସାମାଜିକ କାର୍ଯ୍ୟ ବୃଦ୍ଧିପାଉଛି ଏବଂ ପାରିବାରିକ ହିଂସା ମଧ ବଢୁଛି ।ଏଭଳି କାମକୁ ନୂତନ ଭାବରେ ଡାବୁଗାଁ ଥାନାକୁ ଆସିଥିବା ଥାନା ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନ ବିଶେଷ ଦୃଷ୍ଟି ଦେଇ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସାଧାରଣରେ ଦାବି ହେଉଛି। ଖାଲି କୁକୁଡା ଗାଲି ନୁହେଁ ସତନାୟ ଅଂଚଳରେ ହେଉଥିବା ଜାନି ଯାତ୍ରା ଯେପରିକି ମଣ୍ଡେଇ, କଳସି ଯାତ୍ରା ରେ ମଧ୍ୟ ଏହି ଜୁଆ ମାଫିଆ ମାନେ ନିଜର ପସରା ମେଲାଇ ବସନ୍ତୀ ଯାତ୍ରା ଦେଖିବାକୁ ଆସୁଥିବା ନିରୀହ ଜନସାଧାରଣ ଖୁଡ଼ଖୁଡି ଖେଳର ଶିକାର ହୁଅନ୍ତି । ନିରୀହ ଆଦିବାସୀ ମାନଙ୍କ ବିକାଶରେ ବାଧକ ସାଜିଛି ଏହି କୁକୁଡ଼ା ଗାଲି ଓ ଦେଶୀ ମଦ ।



## କାର ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ରଙ୍ଗେଇଲୁଣ୍ଡା **୧/୪(ନି.ପ୍ର):** ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷ୍ଠି ହାଟ ୧୬ ନଂ ଜାତୀୟ ରାଜପଥ ପାର ହେଉଥିବା ଜଣେ ବୃଦ୍ଧାଙ୍କୁ କାର ଧକ୍କା ଦେବା ଫଳରେ ତାଙ୍କରି ମୃତ୍ୟୁ ଘଟିଛି କ୍ଷ ମୃତ ବୃଦ୍ଧା ଜଣଙ୍କ ହେଲେ ଜରଡ଼ା ଥାନା ଅଧୀନ ଖମ୍ବାରି ଗାଁର ବାସନ୍ତୀ ସାହୁ (୭୦) ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାଇ, ବାସନ୍ତୀ ଗତକାଲି ସକାଳୁ ଖମ୍ବାରି ଗାଁରୁ ଏକ ବସରେ ବସି ଗୋଳନ୍ଥରା ଥାନା ଅଧୀନ କୁଠାରଶିଙ୍ଗୀ ଆସୁଥିବା ବେଳେ ଭୁଲ ବଶତଃ ଗୋଳନ୍ଥରା ଠାରେ ଓଲହାଇବା ପରିବର୍ତ୍ତେ କନିଷ୍ଠି ହାଟକୁ ଚାଲି ଯାଇଥିଲେ। ସେଠାରୁ ଓଲହାଇ ରାସ୍ତା ପାର ହେଉଥିବା ବେଳେ ଏକ କାର ନଂ ଓଅର୦୨ - ବିଏସ ୮୮୮୬ ଇଚ୍ଛାପୁର ପଟୁ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବୃଦ୍ଧା ଜଣଙ୍କ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣା ପଡିଛି। ଏ ନେଇ ମୃତ ବାସନ୍ତୀଙ୍କ ନାତି ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା କେଶ ନଂ ୧୩୪/୨୫ ରେ ଏକ ଦୁର୍ଘଟଣା ମାମଲା ରୁଜୁ ପୋଲିସ ଶବ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଉଇସଡ଼ମ୍ ସ୍କୁଲ୍ ର ବାର୍ଷିକ ଉତ୍ସବ

ଅନଗୁଳ ୩୧/୦୩/୨୦୨୫ କଳିଙ୍ଗ ଜ୍ୟୋତି(ହରେକୃଷ୍ଣ ନାଏକ ,ଜିଲ୍ଲା ସ୍ୱତନ୍ତ୍ର ପ୍ରତିନିଧି )ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ରେ ଥିବା ଉଇଯଦମ୍ ସ୍କୁଲ୍ ର ୯ ମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅନୁଷ୍ଠାନ ର ମୁଖ୍ୟ ରାହୁଲ ଦେବ୍ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ପୂର୍ବତନ ଅବସରପ୍ରାପ୍ତ ଅଧକ୍ଷ ଜିବର୍ଧନ ବାରିକ୍, ମୁଖ୍ୟବକ୍ତା ପୂର୍ବତନ ଅଧକ୍ଷ ସତ୍ୟେନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ବବୁଲଦେହୁରୀ ଆ, ସୁଜିତ୍ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରିନ୍ସିପଲ୍ ସାରିକା ବେହେରା ଏବଂ ମମତା ନାୟକ ଓ ଷ୍ଟାଫ୍ ସହ ଯୋଗ କରି ଥିଲେ। କୃତି ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା।

# ନିମାପଡା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଇଦ - ଉଲ -ଫିତର ପର୍ବ ପାଳନ

ନିମାପଡା **୧/୪(ନି.ପ୍ର):** ପୁରୀ ଜିଲ୍ଲା ନିମାପଡା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଇଦ -ଉଲ - ଫିତର ପର୍ବ ଧୁମଧାମରେ ପାଳନ କରାଯାଇଛି । ଏହି ପର୍ବରେ ନିମାପଡା ନିର୍ବାଚନ ମଣ୍ଡଳୀ ର ବିଧାୟିକା ତଥା ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସମସ୍ତ ମୁସଲମାନ ଭାଇ ଭଉଣୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିବା ବେଳେ ନିମାପଡା ନିର୍ବାଚନ ମଣ୍ଡଳୀ ର ବିଜେଡି ଯୁବ ନେତା ଦିଲ୍ଲୀପ ନାୟକ ବିଭିନ୍ନ ପଞ୍ଚାୟତରେ ଥିବା ମୁସଲମାନ ଙ୍କ ମସଜିଦ କ୍ଷ ଯାଇ ଭାଇ ଭଉଣୀ ଙ୍କୁ ଅଭିନନ୍ଦନ ଜଣାଇବା ସହିତ ଇଦ- ଉଲ -ଫିତର ପର୍ବର ମଜା ନେଇଥିଲେ। ଏହି ପର୍ବରେ ନିମାପଡା ବ୍ଲକ ସାଂସଦ ପ୍ରତିନିଧି ପୂର୍ଣଚନ୍ଦ୍ର ଓଝା ମୁଖ୍ୟ ଅତିଥି ଭାବେ ବାହାରଣା ପଞ୍ଚାୟତ ଖୁଲିସ ଚାନ୍ଦିପୁର ବସ୍ତିରେ ଯୋଗଦେଇ ମୁସଲମାନ ଭାଇ ଭଉଣୀ ମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ । ନିମାପଡା ଅଞ୍ଚଳରେ ଥିବା ରେଙ୍ଗାଳ.ଦିଘାଳ. ମୁସୁନପୁର ରଡ଼ କଳାପାଞ୍ଚଣ ପଞ୍ଚାୟତ ମାଧ୍ୱରହ୍ମପୁର ,ତୁଳସୀପୁର ପଞ୍ଚାୟତ କୁସୁମା ଠେଙ୍ଗ , ବାହାରଣା ପଞ୍ଚାୟତ ଖୁଲିସ ଚାନ୍ଦିପୁର ବସ୍ତି ଓ ଭୋଦର ପଞ୍ଚାୟତ ଗୋବିନ୍ଦପୁର ବସ୍ତି ମାନଙ୍କରେ ଇଦ- ଉଲ - ଫିତର ପର୍ବ ପାଳନ କରିଥିଲେ । ସକାଳୁ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କରି ମଜିଦ( ଇ )ଅଦ୍ଧା ଓ ପିର ପଡିଆ ଠାରେ ସମୂହ ଏକ ହୋଇ ପାଠ ପଢିବା ସହିତ ବିଶ୍ୱ ସହିତ ଭାରତ ବର୍ଷର କଲ୍ୟାଣ ଉଦେଶ୍ୟରେ ଆଲା ଙ୍କ ପାଖରେ ପାର୍ଥନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସେକ ଆସିକି ଇଲାହି କୋରାନ ପାଠ କରିଥିଲେ । ପରେ ନିଜ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ ଅନୁଷ୍ଠିତ ହୋଇଥିଲା । ଏହି ଇଦ ଉଲ ଫିତର ପର୍ବରେ ସେକ ଅସମତ ,ସେକ ରମଜାନ, ସଲିମ ସା ,ସେକ ଜୁମା ,ଅମୀର ଖା ,ଛକୁ ଖା ,ଜାହିର ଖା ,ସେକ ଅପସର , ଇଦୁଲୁ ଫିତର ସହିତ ଖୁଲିସ ଚାନ୍ଦିପୁର ବସ୍ତିର ସମସ୍ତ ମୁସଲମାନ ଭାଇ ମାନେ ସମୂହ ଯୋଗଦେଇଥିଲେ ।ଏହି ଇଦୁଲୁ ଫିତର ପର୍ବରେ ବିଭିନ୍ନ ବସ୍ତିରେ ଖୁସିର ଲହରୀ ଖେଳିଯାଇଥିଲା ।

## କାଣ୍ଡସର ଗ୍ରାମରେ ଇଦ୍ ଉଲ୍ ଫିତର ପାଳନ



ମୟୂରଭଞ୍ଜ **୧/୪(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ କାଣ୍ଡସର,ତାରଣା,ବଡଦୁନ୍ଦୁ ଆଦି ସ୍ଥାନରେ ମୁସଲମାନ ଭାଇ ମାନଙ୍କ ଦ୍ୱାରା ହର୍ଷ ଓ ଉଲ୍ଲାସର ସହ ଇଦ୍ -ଉଲ୍-ଫିତର ପାଳିତ ହୋଇଯାଇଛି ।ଶାନ୍ତି ଶୃଙ୍ଖଳାର ସହ ହାଫିଜ୍ ସାହେବ ମୁଜାହିଦ୍ ରେଜା ଖାନ୍ ନମାଜ ପାଠ କରାଇଥିଲେ ।କାଣ୍ଡସର ମୁସଲମାନ କମିଟୀର ସମ୍ପାଦକ ମହମ୍ମଦ ଆକବର ହୁସେନ ଓ ସଦର ସାହେବ ସେକ୍ ନାମିମ୍ ପୂର୍ଣ୍ଣ ସହଯୋଗ କରିଥିଲେ ।ମୁସଲମାନ ଭାଇମାନଙ୍କ ପବିତ୍ର ରମଜାନ ମାସର ଶେଷ ଦିବସ ପରଦିନ ଏହି ଇଦ୍-ଉଲ୍-ଫିତର ପାଳନ ଅବସରରେ ସକାଳୁ ନିକଟସ୍ଥ ବିଭିନ୍ନ ଇଦଗା ଓ ମସଜିଦ୍ ?ରେ ଅନୁଷ୍ଠିତ ସାମୁହିକ ନମାଜ ପାଠ କରାଯିବା ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ?ର ଶୁଭେଚ୍ଛା ଜଣାଇଥିଲେ ।ମୁସଲମାନ ସଂପ୍ରଦାୟର ବିଶ୍ୱାସନୁଯାୟୀ ଏହି ପବିତ୍ର ରାମଜାନ ମାସରେ ଦୀର୍ଘ ଏକ ମାସ ଧରି ରୋଜା ବା ଉପବାସ ପାଳନ କରାଯାଇଥାଏ । ଏହାସହ ଗରିବ ଲୋକଙ୍କୁ ବସ୍ତ୍ର ଖାଦ୍ୟ ଓ ବିଭିନ୍ନ ଆର୍ଥିକ ସହାୟତା ମଧ କରିଥାନ୍ତି । ଏହା ଦ୍ୱାରା ପୂଣ୍ୟ ଅର୍ଜନ ହୋଇଥାଏ ବୋଲି ମଧ ମୁସଲମାନ ମାନଙ୍କର ବିଶ୍ୱାସ ରହିଛି। ଏହି ପର୍ବ ମୁସଲମାନ ଭାଇ ଭଉଣୀ ମାନଙ୍କର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପର୍ବ ଅଟେ। ଏହି ପର୍ବକୁ ମୁସଲିମ ସମ୍ପ୍ରଦାୟର ଭାଇଭଉଣୀମାନେ ବଡ ଧୁମ୍ ଧାମ ସହକାରେ ପାଳନ କରିଥାନ୍ତି ।

# ସରକାରୀ ଜାଗାରେ ବେଆଇନ ଖଣି ଖନନ ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ସ୍ଥଗିତ



ଗୋଲାମୁଣ୍ଡା, ୧/୪ ( ଜଗନ୍ନାଥ ଏକ୍ସପ୍ରେସ): ଡବଲ ଇଞ୍ଜିନ ସରକାରଙ୍କ ଡବଲ ବିକାଶ ହେବା କଥା କୁ ଲୋକେ ଭରସା ରଖିଥିବା ବେଳେ ଖଣି ମାଫିଆ ମାନଙ୍କୁ ଅରାଜକତା କୁ ରୋକ୍ ଲଗାଇ ପାରୁ ନଥିବା ଚର୍ଚ୍ଚାର ବିଷୟ ଜୋର ଧରିଥିବା ବେଳେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚପ୍ରିଆ ପଞ୍ଚାୟତ ଅଧିନସ୍ତ ତୁରେଛଡ଼ା ସ୍ଥିତ ବିଶୁଭରଣି ଜଙ୍ଗଲ ସରକାରୀ ଜାଗାରେ ବେଆଇନ ଭାବେ ଖଣି ଖନନ ଚାଲିଛି । ଏହି ଗ୍ରାମର ବିଜେପି କର୍ମୀ ଶ୍ରୀଯୁକ୍ତ ଶନି ମାଝି ଙ୍କ ଦଲାଲ କ୍ରମେ ଖଣି ମାଫିଆ ମାନେ ରାତି ଅଧିଆ ୭ ରୁ ୮ ଦିନ ହେବ ଚେନ ଲଗା ପୋକଲିନ ମାଧ୍ୟମରେ ଖନନ କରି ପିକପ ଯୋଗେ ନେବାର ଦେଖି ଗ୍ରାମ ବାସୀ ଉଚ୍ଚ ପଦାଧିକାରୀ ଙ୍କୁ ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗ ଅନୁସାରେ ଧର୍ମଗଡ ଉପଜିଲ୍ଲାପାଳ,ଖଣି ଅଧିକାରୀ,ଧର୍ମଗଡ ଏସଡିପିଓ,ଗୋଲାମୁଣ୍ଡା ତହସିଲଦାର,କେଗାଁ ଆଇଆଇସି ସହ ପୋଲିସ ଟିମ, ଚପ୍ରିଆ ଆରଆଇ ପ୍ରମୁଖ ଉପସ୍ଥିତି ରହି ତଦନ୍ତ କରିଥିଲେ । ସାମ୍ପୂଲ୍ ପାଇଁ କିଛି ଅଂଶ ନେଇ ଖନନ କୁ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଗକୁ ଧର୍ମଗଡ ଉପଜିଲ୍ଲାପାଳ କି ପଦକ୍ଷେପ ନେଉଛନ୍ତି ଅପେକ୍ଷାରେ ଗ୍ରାମବାସୀ ବୃନ୍ଦ ।

# ରାଷ୍ଟ୍ରୀୟତା ର ବିକାଶ ରେ ହିଁ ଦେଶର ପ୍ରଗତି ସମ୍ଭବ

ଭୁବନେଶ୍ୱର-ରବିବାର ଦିନ ମହାବୋଧି ସୋସାଇଟି ର ସଭାଗୃହ ରେ ' ରାଷ୍ଟ୍ରୀୟ ନବବର୍ଷ ର ବୈଜ୍ଞାନିକ ଓ ସାମାଜିକ ମହତ୍ତ୍ୱ" ଶୀର୍ଷକ ଆଲୋଚାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ,ଓଡିଶା ପୂର୍ବର ସହ ପ୍ରାନ୍ତ ସଂଘଚାଳକ ମନସୁଖ ଲାଲ ସେଠିଆ ଅଧିବକ୍ତା ପରିଷଦର ରାଜ୍ୟ ସଭାପତି ଶ୍ରୀଯୁକ୍ତ ଅଜିତ୍ ପଟ୍ଟନାୟକ ହିନ୍ଦୁ ଜାଗରଣ ମଂଚ ର ରାଜ୍ୟ ସଂଗଠନ ମନ୍ତ୍ରୀ ଶ୍ରୀଯୁକ୍ତ ତନ୍ମୟ ଦାସଏବଂ ରାଜ୍ୟ ଆଇନଜୀବୀ ସେଲର ଆବାହକ ଶ୍ରୀ ରବିଶଙ୍କର ପଟ୍ଟନାୟକ ଉପସ୍ଥିତ ରହି ରାଷ୍ଟ୍ରୀୟ ନବବର୍ଷର ମହତ୍ୱ ଉପରେ ଆଲୋକପାତ କରିଥିଲେ । ବାର କାଉନସିଲ୍ ଅଫ ଇଣ୍ଡିଆ ର ସଦସ୍ୟ ଶ୍ରୀ ଭକ୍ତ ଭୂଷଣ ବାରିକ୍ ଓ କେନ୍ଦ୍ର ସରକାରଙ୍କ ର ନୋଟରୀ ଶ୍ରୀମନ୍ତ କୁମାର ସାମନ୍ତରାୟ ଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସଂଗଠକ ଜିତେନ୍ଦ୍ର କୁମାର ନାୟକ ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ଦାଶ ଓ ରବିଶଙ୍କର ପଟ୍ଟନାୟକ କୁ ସମ୍ବର୍ଦ୍ଧିତ କରାଗଲା। ଏହି ଉତ୍ସବରେ ଭୁବନେଶ୍ୱର ବାର ଆସସିଏସନ ଓ ହାଇକୋର୍ଟ ବାର ଆସସିଏସନର ଶତାଧିକ ଆଇନଜୀବୀ ଯୋଗ ଦେଇଥିଲେ। ଏହି ଉତ୍ସବରେ ସରୋଜ କୁମାର ନାୟକ ଓ ତ୍ରତ୍ୱଙ୍କ ତ୍ରିବେଦୀ ମିଶ୍ର ପରିଚାଳନା କରିଥିବା ବେଳେ ପ୍ରଶାନ୍ତ କୁମାର ସମାର୍ଥ।

# କନ୍ଧମାଳ ବିଜେଡିର ଫୁଲବାଣୀରେ ୯୦ ଉମ ଉତ୍କଳ ଦିବସ ପାଳନ







ଫୁଲବାଣୀ ତା,୦୧/୦୪ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) ୧୯୩୬ ମସିହା ଏପ୍ରିଲ ୧, ଏହିଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଲା । କିନ୍ତୁ ସେବେଠାରୁ ଓଡ଼ିଶା ନିଜର ସ୍ୱତନ୍ତ୍ର ପରିଚୟ ପାଇଥିଲେ ବି ବିଭିନ୍ନ ସମୟରେ ରାଜ୍ୟର ଦାୟିତ୍ୱ ନେଇଥିବା ମୁଖ୍ୟମନ୍ତ୍ରୀମାନେ ଏହାକୁ ଉତ୍ସବ ଭାବେ ପାଳନ କରିନ ଥୁଲେ । ପରବର୍ତ୍ତୀ ପିଢ଼ି ଓଡ଼ିଶା କେବେ ସ୍ୱତନ୍ତ୍ର ରାଜ୍ୟ ହେଲା ତାହାକୁ ଯେପରି ଭୁଲି ନ ଯିବେ ସେଥିପାଇଁ ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ପ୍ରଥମକରି ୧୯୭୫ ମସିହାରେ ଓଡ଼ିଶାର ଜନ୍ମଦିନ ପାଳନ କରିବା ଆରମ୍ଭ କଲେ । ସେହି ବର୍ଷଠାରୁ ପ୍ରତିବର୍ଷ ଏପ୍ରିଲ ପହିଲା କୁ ସରକାରୀ ସ୍ତରରେ ଓଡ଼ିଶା ଦିବସ ଭାବେ ପାଳନ କରାଯାଇ ଆସୁଛି । କେବଳ ଆମ ରାଜ୍ୟରେ ନୁହେଁ, ଦେଶର ବିଭିନ୍ନ ରାଜ୍ୟରେ ଓ ବିଦେଶରେ ଥିବା ଓଡ଼ିଆ ମାନେ୍ଵି ଏହି ଦିନରେ ଉତ୍କଳ ଦିବସ ଭାବେ ପାଳନ କରି ଆସୁଛନ୍ତି । ସେପରି ଭାବେ ଆଜି କନ୍ଧମାଳଜିଲ୍ଲା ସଦର ମହକୁମା ସ୍ଥିତ ସହର ର ବିଭିର୍ଣ୍ଣ ସ୍ଥାନରେ ଥିବା ଓଡ଼ିଶାର ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରାଙ୍କ ନେତୃତ୍ୱରେ ଶତାଧିକ ନେତା କର୍ମି ପୁଷ୍ପ ମାଲ୍ୟ ଅର୍ପଣ କରିବା ପରେ ବିଜୁପଟନାୟକ କଲ୍ୟାଣ ମଣ୍ଡପରେ ବିଜୁ ଜନତା ଦଳ ମଧ୍ୟ ଉତ୍କଳ ଦିବସ ସ୍ମୃତି ଅନୁଷ୍ଠିତ କରାଯାଇ ଥିଲା । ଏହି ଉତ୍କଳ ଦିବସ ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମାନ୍ୟବର ବାଲିଗୁଡା ବିଧାୟକ ଶ୍ରୀ ଚକ୍ରମଣୀ କହଁର, ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ବିଷ୍ଣୁ ପ୍ରିୟା ବେହେରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ ସାଧବାଣୀ ନାୟକ,ପୂର୍ବତନ ବିଧାୟକ ଶ୍ରୀ ଡୁଗୁନି କହଁର, ରାଜ୍ୟ ସାଧାରଣ ସମ୍ପାଦିକା ସୁଶ୍ରୀ ପୁନମ କହଁର, ବରିଷ୍ଠ ନେତା ଶ୍ରୀ କମଳା କାନ୍ତ ପାଣ୍ଡେ , ବରିଷ୍ଠ ଆଇନଜୀବୀ ସମାଜସେବି ଶ୍ରୀ ସତ୍ୟନାରାୟଣ ବେହେରା,ବରିଷ୍ଠ ସାମ୍ବାଦିକ ତଥା ଯୁବ ନେତା ଶ୍ରୀ ରାଧାମୋହନ ମହାପାତ୍ର,ଫୁଲବାଣୀ ପଂଚାୟତ ସମିତି ଅଧକ୍ଷା ସସ୍ମିତା କହଁର, ଫିରିଙ୍ଗିଆ ପଂଚାୟତ ସମିତି ଅଧକ୍ଷା ଶ୍ରୀମତୀ ନମିତା କହଁର ପ୍ରମୁଖ ଯୋଗଦାନ କରିଥିଲେ ଓ ଏଥି ସହିତ ଫୁଲବାଣୀ ନିର୍ବାଚନ ମଣ୍ଡଳୀର ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ବରିଷ୍ଠ ନେତା କର୍ମି ମାନେ ମଧ୍ୟ ସକ୍ରିୟ ଭାବେ ଏହି ଉତ୍କଳ ଦିବସରେ ଅଂଶ ଗ୍ରହଣ କରିଥିଲେ । ଆଜିର କାର୍ଯ୍ୟକ୍ରମ ରେ ଉତ୍କଳ ଦିବସ ବା ଓଡିଶା ଗଠନ ବିଷୟରେ ମଂଚାସୀନ ବକ୍ତା ମାନେ ନିଜ ନିଜର ଅଭିଭାଷଣ ରଖିଥିଲେ ମଧ୍ୟ ବିଶେଷ ଭାବେ କନ୍ଧମାଳ ଜିଲ୍ଲାରେ ବିଜେଡି କୁ ପୁଣି ସକ୍ରିୟ କରାଯାଇ ଆଗାମୀ ତ୍ରିସ୍ତରୀୟ ପଂଚାୟତ ରାଜ ନିର୍ବାଚନ ଲଢ଼ିବାକୁ ଆହ୍ୱାନ କରାଯାଇଥିବା ଦେଖିବାକୁ ମିଳିଥିଲା , ଓ ଦଳକୁ କିପରି ସଂଗଠିତ କରାଯାଇପାରିବ ସେହି ବିଷୟରେ ଆଲୋଚନା କରାଯାଇଥିଲା ଓ ଉପସ୍ଥିତ ଥିବା ନେତା କର୍ମି ମାନେ ଆଗାମୀ ଦିନରେ ଏକଜୁଟ ହୋଇ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ରହିବାକୁ କହିଥିଲେ । ଏହାପରେ ସନ୍ଧ୍ୟା ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ କୋର୍ଟ ଛକସ୍ଥିତ ଗାନ୍ଧୀ ସ୍ମୃତି ଭବନ ରେ ମଧ୍ୟ ଉତ୍କଳ ଦିବସ କୁ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ରେ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଫିରିଙ୍ଗିଆ ବ୍ଲକ ବିଜେଡି ସଭାପତି ଶ୍ରୀ ରଜନୀ କହଁର, ଫୁଲବାଣୀ ପୂର୍ବତନ ଚେୟାରମ୍ୟାନ ଶ୍ରୀ ଭଜମନ ପ୍ରଧାନ, ଖଜୁରୀପଡା ବ୍ଲକ ଚେୟାରମ୍ୟାନ ଶ୍ରୀ ବୀରେନ୍ଦ୍ର କହଁର, ଫିରିଙ୍ଗିଆ ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ନୀଳଗିରି ଡିଗାଲ, ସରପଞ୍ଚ ଶ୍ରୀ ପ୍ରାତପ କହଁର, ସୁରେନ୍ଦ୍ର କହଁର, ସ୍ୱର୍ଣ୍ଣମଣି କହଁର ବରିଷ୍ଠ ନେତା ପଞ୍ଚାନନ କହଁର ସମେତ ଫୁଲବାଣୀ ପୌର ପରିଷଦର ବରିଷ୍ଠ ନେତା ଶ୍ରୀ ପ୍ରତାପ ପାତ୍ର, କାଉନ ସିଲର ଶ୍ରୀ ବସ୍ତ ବେହେରା, ମାଧବୀ ମିଶ୍ର, ସମେତ ଅନ୍ୟ ସମସ୍ତ କର୍ମକର୍ତ୍ତା ମାନେ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା ।

### ଆରମ୍ଭ ହେଲା ଗୋରଖନାଥ ପୀଠର ଭୋଗଦୋକାନ ନିଲାମୀ ପ୍ରକ୍ରିୟା

# ଭୋଗ ପ୍ରସ୍ତୁତ କରିବ କି ପରିଚାଳନା କମିଟି ?



ଜଗତସିଂହପୁର ତା୧ ।୪(ସୁଜନ କୁମାର ମୁଦୁଲି), ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍ ଅଧିନରେ ଥିବା କେରେକେରା ଗ୍ରାମର ପ୍ରଭୁ ଗୋରଖନାଥ ମନ୍ଦିରଟି ବିଭୁତି କ୍ଷେତ୍ର ନାମରେ ସମଗ୍ର ଭାରତବର୍ଷରେ ପ୍ରସିଦ୍ଧି ଲାଭ କରିସାରିଛି। ପ୍ରଭୁଙ୍କ ଅପାର କରୁଣାରୁ ଏଠାରେ ଶ୍ରଦ୍ଧାଳୁ ଭକ୍ତ ମାନସିକ କରି ବିଭିନ୍ନ ଦୂରାରୋଗ୍ୟରୁ ମୁକ୍ତି ପାଇବା ସହିତ ସର୍ପାଘାତ ରୋଗୀ ନୂତନ ଜୀବନ ପାଇଥାନ୍ତି। ଏହି କ୍ଷେତ୍ରରେ ବିଭିନ୍ନ ପର୍ବପର୍ବାଣୀରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ସେମାନଙ୍କ ମାନସିକ ପୂରଣ ପାଇଁ ଠାକୁରଙ୍କୁ କିଛି ଦାନ ଦେବା ସହ ଭୋଗ, ଦୀପ ଅର୍ପଣ କରିଥାନ୍ତି। ବିଗତ ଦିନରେ ଏଠାରେ ଭକ୍ତଙ୍କ ସୁବିଧା ପାଇଁ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇ ଭୋଗଦୀପ ନିଲାମ ପ୍ରକ୍ରିୟାରେ ବାର୍ଷିକ ଏକ କୋଟି ପର୍ଯ୍ୟନ୍ତ ଟଙ୍କା ପ୍ରଭୁଙ୍କ ତହବିଲ୍ କୁ ଯାଇ ସାରିଛି। ଏଥିପାଇଁ ମୁଖ୍ୟ ଭାବେ ଜଗତସିଂହପୁର ଉପଜିଲ୍ଲାପାଳ ଦାୟିତ୍ୱ ସମ୍ପନ୍ନ କରୁଥିବା ବେଳେ ରଘୁନାଥପୁର ତହସିଲଦାର ଓ ତିର୍ତୋଲ ଥାନା ଅଧିକାରୀ ସମସ୍ତ କାର୍ଯ୍ୟରେ ସହଯୋଗ କରିଥାନ୍ତି। ମାତ୍ର କିଛି ବର୍ଷ ହେବ କେତେକ ବ୍ୟକ୍ତି ନିଜକୁ ନିଜେ ଧାର୍ମିକ ମନୋଭାବର ପରିଚୟ ଦେଇ ଏହି ଟ୍ରଷ୍ଟ ବୋର୍ଡରେ କାର୍ଯ୍ୟ କରି ନିନ୍ଦିତ ହୋଇଥିବା କଥା ଏହି ସଂସ୍ଥାର ତତ୍କାଳୀନ ମୁଖ୍ୟ ଉପଜିଲ୍ଲାପାଳ ନରହରି ସେଠୀଙ୍କ ଏକ ଲିଖିତ ବିବରଣୀରୁ ଦେଖିବାକୁ ମିଳିଥିଲା। ତେବେ ଏଥି ମଧ୍ୟରେ କେତେକ ଟ୍ରଷ୍ଟ ବୋର୍ଡ ଗଠନ ହେବା, ଭାଙ୍ଗିଯିବା ଏବଂ ବର୍ତ୍ତମାନ ପରିସ୍ଥିତିରେ ଏକ ଅସ୍ଥାୟୀ ଟ୍ରଷ୍ଟ ବୋର୍ଡ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ସରକାରଙ୍କ ଦେବୋତର ବିଭାଗ ନିର୍ଦ୍ଦେଶକ୍ରମେ ଓ ଏହି ଟ୍ରଷ୍ଟ ବୋର୍ଡର ସହଯୋଗରେ ଚଳିତ ବର୍ଷ ପାଇଁ ଭୋଗ, ଦୀପ ନିଲାମର ପ୍ରକ୍ରିୟା ଆରମ୍ଭପୂର୍ବକ ୯ଜଣ ବ୍ୟକ୍ତି ଭୋଗ, ଦୀପ ନିଲାମ ପାଇଁ ପେପର କିଣିଛନ୍ତି। ଏହି ବ୍ୟକ୍ତିମାନେ ପେପର କିଣିବା ପରେ ଭୋଗ ଦୀପ ନିଲାମ ନେଇ କିପରି ସେଠାରେ ଭୋଗ ବିକ୍ରି କରିବେ ତାହାର ମାନ ଓ ମୂଲ୍ୟ ଚୁକ୍ତି ପତ୍ରରେ ଉଲ୍ଲେଖ ରହିଛି। ଆହୁରି ମଧ ଏହି ଚୁକ୍ତି ପତ୍ର ଅନୁଯାୟୀ ନିଲାମଧାରୀ ସେମାନଙ୍କ ଭୋଗ ଦୋକାନରେ ନିଜ ଇଚ୍ଛା ଅନୁଯାୟୀ କୌଣସି ଜିନିଷ ବିକ୍ରି କରିପାରିବେ ନାହିଁ ବୋଲି ଉଲ୍ଲେଖ ରହିଛି। ଏସବୁକୁ ତର୍ଜମା କରି ଆଶାୟୀ ନିଲାମଧାରୀମାନେ ଟିକେ ପଛକୁ ହଟିବାକୁ ଚିନ୍ତା କରୁଥିବା ସେମାନଙ୍କ କାର୍ଯ୍ୟକଳାପରୁ ଅନୁଭୁତ ହେଲାଣି। ସେମାନଙ୍କ ଯୁକ୍ତି ଯେ ବିଗତ କିଛି ବର୍ଷ ପୂର୍ବେ ଏହିପରି କିଛି ସର୍ତ୍ତକୁ ମାନି ନିଲାମଧାରୀଙ୍କର ବହୁ କ୍ଷତି ହୋଇଥିଲା। ଠାକୁରଙ୍କ ଦୈନନ୍ଦିନ ଭୋଗନୀତି ପାଇଁ ପରିଚାଳନା କମିଟି ପକ୍ଷରୁ ଏକ ଅସ୍ଥାୟୀ ଭୋଗ,ଦୀପ ଦୋକାନ କରାଯାଇଥିଲା। ଯେଉଁ ଦୋକାନରେ ଭୋଗ ପ୍ରସ୍ତୁତି ପାଇଁ ଆଗୁଆ ଠାକୁରଙ୍କ ତହବିଲରୁ ଟଙ୍କା ଆଣି ଭୋଗ ପ୍ରସ୍ତୁତ କରୁଥିବା ବେଳେ ପ୍ରସ୍ତୁତକାରୀ ଠାକୁରଙ୍କ ତହବିଲ କୁ କୌଣସି ରାଜସ୍ୱ ଦେବାର ବ୍ୟବସ୍ଥା ନଥିଲା। ଯାହାକି ସେ ସମୟରେ ଭକ୍ତ ଓ ଭଗବାନ ପ୍ରଭୁ ଗୋରଖନାଥଙ୍କ କ୍ଷତି ହେଉଥିବା ବେଳେ ଭୋଗ ପ୍ରସ୍ତୁତକାରୀ ଦାୟିତ୍ୱରେ ଥିବା କିଛି ବ୍ୟକ୍ତି ମାଲେମାଲ ହୋଇଥିବା କଥା ସମଗ୍ର ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏବେ ଭୋଗଦୋକାନ ପାଇଁ ପେପର କିଣି ନିଲାମ ଧରିବାକୁ ଅପେକ୍ଷା କରିଥିବା ବ୍ୟକ୍ତି ବିଶେଷ ପୂର୍ବଦିନର ପରିସ୍ଥିତିକୁ ମନେ ପକାଇ ନାନା ଆଲୋଚନା କରୁଥିବା ଦେଖିବାକୁ ମିଳିଛି। ତେବେ ଉପରୋକ୍ତ ଘଟଣାଗୁଡିକୁ ଆଖି ଆଗରେ ରଖି ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ଦେବୋତର ବିଭାଗ ଏଥିପ୍ରତି ନଜର ଦେଲେ ପୀଠର ଉନ୍ନତି ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ପ୍ରହସନ ପାଲଟିଛି ଡ୍ରିଙ୍କ ଫର୍ମ ଟ୍ୟାପ ପ୍ରକଳ୍ପ

## ସହରବାସୀଙ୍କୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ କାଗଜ କଲମରେ ସୀମିତ




ହିଞ୍ଜିଳିକାଟୁ ୧/୪(ନି.ପ୍ର): ଜନସାଧାରଣଙ୍କୁ ସେମାନଙ୍କର ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁତ ଯୋଜନା ଗୁଡିକ ପ୍ରଣୟନ କରିଛନ୍ତି। ବାସ୍ତବ କ୍ଷେତ୍ରରେ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ମନୋଭାବ ଓ ମେରିରାୟ ଶାସନ ନୀତି ଫଳରେ ଜନସାଧାରଣ ସେମାନଙ୍କ ମୌଳିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ' ଜଳ ହିଁ ଜୀବନ ' । ଲୋକଙ୍କୁ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଯୋଗାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ବର୍ତ୍ତମାନ ଚାଲିଛି ଗ୍ରୀଷ୍ମଋତୁ। ଏଭଳି ସମୟରେ ଲୋକଙ୍କୁ ପାନୀୟ ଜଳ ଯୋଗାଇଦେବା ମୁଖ୍ୟ ଲକ୍ଷ୍ୟ ରହିଛି। ହେଲେ ବାସ୍ତବ କ୍ଷେତ୍ରରେ ଜନସାଧାରଣଙ୍କୁ ପାନୀୟଜଳ ଯୋଗାଣ ସତେଯେମିତି ପ୍ରହସନ ପାଲଟିଛି। ଏଭଳି ଏକ ଘଟଣା ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଅଞ୍ଚଳରେ ଦେଖିବାକୁ ମିଳିଛି। ସହରବାସୀଙ୍କୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ ହିଞ୍ଜିଳି ବିଧାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିକାଟୁ ପୌରାଞ୍ଚଳବାସୀଙ୍କୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଇଦେବା ଲକ୍ଷ୍ୟରେ ଗତ ୨୦୨୨ ମସିହା ଡିସେମ୍ବର ମାସ ୨୧ ତାରିଖରେ ୬୨ କୋଟି ଟଙ୍କା ବ୍ୟୟରେ ପ୍ରସ୍ତାବିତ ବୃହତ ପାନୀୟ ଜଳ ପ୍ରକଳ୍ପ ' ସୁଜଳ '' ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟ ଶେଷ ହେବା ପରେ ଗତ ୨୦୨୩ ମସିହା ଅକ୍ଟୋବର ୨୩ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ପ୍ରାରମ୍ଭିକ ପର୍ଯ୍ୟାୟରେ ହିଞ୍ଜିଳିକାଟୁ ପୌରାଞ୍ଚଳର ୬୫୦୦ ଜନସଂଖ୍ୟା ବିଶିଷ୍ଟ ୩ଟି ୱାର୍ଡରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଡ୍ରିଙ୍କ ଫର୍ମ ଟ୍ୟାପ୍ କୁ ଲୋକାର୍ପଣ କରିଥିଲେ। ପରବର୍ତ୍ତୀ ସମୟରେ ୱାଟକୋ ଉପଖଣ୍ଡ କାର୍ଯ୍ୟାଳୟ ମାଧ୍ୟମରେ କାର୍ଯ୍ୟ ସମ୍ପାଦନା କରି ସ୍ଥାନୀୟ ପୌରାଞ୍ଚଳର ସମସ୍ତ ୱାର୍ଡକୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ କରାଯାଇଥିଲା।? ମାତ୍ର ଗୋଟିଏ ବର୍ଷ ପରେ ସଂପୃକ୍ତ ଯୋଜନା ପ୍ରହସନ ପାଲଟିବା ସହ ସହରବାସୀଙ୍କ ପାଇଁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ସ୍ୱପ୍ନ ପାଲଟିଛି। ବର୍ତ୍ତମାନ ଏହା କେବଳ କାଗଜ କଲମରେ ସିମୀତ ରହିଯାଇଛି। ସହରବାସୀଙ୍କୁ ୨୪ ଘଣ୍ଟା ପାନୀୟ ଜଳ ଯୋଗାଣ ପରିବର୍ତ୍ତେ ଦିନକୁ ମାତ୍ର ୨ ଘଣ୍ଟା ପାଇଁ ପାନୀୟ ଜଳ ଯୋଗାଣ କରାଯାଉଛି। ସକାଳ ଓ ସନ୍ଧ୍ୟା ସମୟରେ କେବଳ ୧ ଘଣ୍ଟା ସମୟ ପାଇଁ ପାନୀୟ ଜଳ ଯୋଗାଣ କରାଯାଉଛି। ତାହା ବି କୌଣସି ନିର୍ଦ୍ଧିଷ୍ଟ ସମୟରେ ନୁହେଁ। ଯଦ୍ୱାରା ସହରବାସୀ ସଠିକ୍ ସମୟରେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ସଠିକ୍ ସମୟରେ ପାନୀୟ ଜଳ ପାଇନପାରିବା ଯୋଗୁଁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ପ୍ରଦାନ କରି ସହରବାସୀଙ୍କୁ ଆବଶ୍ୟକ ପରିମାଣର ପାନୀୟ ଜଳ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି। ନଚେତ୍ ଆଗାମୀ ଦିନରେ ସହରବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ସହ ସ୍ଥାନୀୟ ୱାଟକୋ ଉପଖଣ୍ଡ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ବାଧ୍ୟ ହେବେ ବୋଲି ବିକାଶ ମଞ୍ଚ ସଭାପତି ପ୍ରମୋଦ କୁମାର ପଣ୍ଡା ଚେତାବନୀ ଦେଇଛନ୍ତି। ଏ ନେଇ ଭାରପ୍ରାପ୍ତ ବିଭାଗୀୟ ସହକାରୀ ଯନ୍ତ୍ରୀ ନିକିତା ପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି, ବିଭାଗୀୟ କର୍ମଚାରୀ ମାନଙ୍କ କହିବା ପ୍ରକାରେ ହିଞ୍ଜିଳିକାଟୁ ଘୋଡାହାଡ ନଦୀର ଜଳଉତ୍ସ କମିବା ଯୋଗୁଁ ଆବଶ୍ୟକ ପରିମାଣରେ ସହରବାସୀଙ୍କୁ ପାନୀୟ ଜଳ ଯୋଗାଣ ସମ୍ଭବ ହୋଇପାରୁନାହିଁ, ରଷିକୂଲ୍ୟା ନଦୀରୁ ହିଞ୍ଜିଳିକାଟୁ ଅଞ୍ଚଳକୁ ଜଳ ଯୋଗାଣ ବନ୍ଦ ବନ୍ଦ ରହିଛି। ଯଦି ସମ୍ଭବପର ହୁଏ ତେବେ ରଷିକୂଲ୍ୟା ନଦୀରୁ ଜଳ ଯୋଗାଣ କରାଯିବ।

## ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ବାର୍ଷିକ ପରୀକ୍ଷା ଫଳାଫଳ ପ୍ରକାଶିତ

ପାଟଣା ୧/୪(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଶିକ୍ଷାବର୍ଷ ୨୦୨୪-୨୫ ପ୍ରଥମ ରୁ ନବମ ଶ୍ରେଣୀର ପ୍ରଗତି ଉତ୍ସବ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ସଭାପତି ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତାରେ ପ୍ରଗତି ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ କୋଷାଧ୍ୟକ୍ଷ ଅଯୋଧ୍ୟା ମହାକୁଡ ବାର୍ଷିକ ପରୀକ୍ଷାର ପ୍ରଗତି ବିଷୟରେ ଶିଶୁଙ୍କୁ ମାର୍ଗଦର୍ଶନ ପ୍ରଦାନ କରିବା ସହିତ ପରୀକ୍ଷାଫଳ ପୁସ୍ତିକା କୁ ଉନ୍ମୋଚନ କରିଥିଲେ । ସମ୍ମାନୀତ ଅତିଥି ଭାବରେ ସଂଘମିତ୍ରା ସାହୁ , ସହ ସଂପାଦକ ରମେଶ ଚନ୍ଦ୍ର ନାୟକ , ବିଦ୍ୟାଳୟର ଶୁଭେଚ୍ଛୁ ସତ୍ୟବାଦୀ ସାହୁ ଯୋଗଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ବରିଷ୍ଠ ଆଚାର୍ଯ୍ୟ ଦେବକୀ ମହାନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପରୀକ୍ଷା ପ୍ରମୁଖ ସୁଜଳ ଗିରି ପରୀକ୍ଷାଫଳ ଘୋଷଣା କରିଥିଲେ ।ପ୍ରତ୍ୟେକ ଶ୍ରେଣୀର ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ଶିଶୁ ଭାଇ ଭଉଣୀ ମାନଙ୍କୁ ପୁଷ୍ପଗୁଚ୍ଛ ସହିତ ଟ୍ରଫି ପ୍ରଦାନ କରାଯାଇଥିଲା ।ପ୍ରଥମ ଶ୍ରେଣୀ ରେ ହ୍ରିତେଶ ରଞ୍ଜନ ବେହେରା ୯୮.୩୪%, ଦ୍ୱିତୀୟ ଶ୍ରେଣୀରେ କୋକିଳ ମହାନ୍ତ ୯୮.୧୭% , ତୃତୀୟ ଶ୍ରେଣୀ ଶୁଭଶ୍ରୀ ଶୁଭଦର୍ଶୀ ନି ସାହୁ ୯୫.୭୧ , ଚତୁର୍ଥ ଶ୍ରେଣୀ ଦୁର୍ଗା ରାଣୀ ସାହୁ ୯୨.୫୭% , ପଞ୍ଚମ ଶ୍ରେଣୀ ସ୍ୱାତୀ ସ୍ମିତା ମହାନ୍ତ ୯୬.୩୭%, ଷଷ୍ଠ ଶ୍ରେଣୀ କାବ୍ୟେଶ୍ ବେହେରା ୯୪.୬୬% , ସପ୍ତମ ଶ୍ରେଣୀରେ ସୁବ୍ରତ ପୃଷ୍ଟି ୯୩.୪୯% , ଅଷ୍ଟମ ଶ୍ରେଣୀ ରିତୁପର୍ଣ୍ଣ ମହାକୁଡ ୯୫.୯୨% , ନବମ ଶ୍ରେଣୀ ବିଦୁସ୍ମିତା ମହାନ୍ତ ୮୧.୦୩% ରଖି ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବାରୁ ସମସ୍ତ ଗୁରୁଜୀ ଗୁରୁମା , ସେବକ ସେବିକା ଏବଂ ପରିଚାଳନା ସମିତିର ସମସ୍ତ ସଦସ୍ୟ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।



## ଜାମଦାରେ ଅନ୍ତ୍ୟୋଦୟ ଗୃହ ଯୋଜନ ର ଶୁଭାରମ୍ଭ କଲେ ବିଧାୟକ

ମୟୂରଭଞ୍ଜ ୧/୪(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନ ର ଶୁଭାରମ୍ଭ ହୋଇଛି ।ସମାଜରେ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ ର ଲୋକ ମାନଙ୍କୁ ସୁଲଭ ଗୃହ ସୁବିଧା ଯୋଗାଇ ଦେବା ପାଇଁ ଓଡ଼ିଶା ସରକାର ମାର୍ଚ୍ଚ ୩୦ରୁ 'ଅନ୍ତ୍ୟୋଦୟ ଗୃହ ଯୋଜନା'ନାମରେ ଆରମ୍ଭ କରିଛନ୍ତି ।ଏହି ଯୋଜନାରେ ୫୦ ହଜାର ଲୋକ ଯୋଡି ହୋଇଥିବା ଜାଣିବାକୁ ମିଳିଛି ।ଜାମଦା ବ୍ଲକ ପ୍ରାଙ୍ଗଣରେ ଆଜି ବିଡ଼ିଓ ଦେବାଶିଷ୍ ପଣ୍ଡାଙ୍କ ଅଧ୍ୟକ୍ଷତାରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଉପସ୍ଥିତ ରହି ଅନ୍ତ୍ୟୋଦୟ ଗୃହ ଯୋଜନାରେ ୪୫ଗୋଟି ଗୃହ ପ୍ରଥମ ପର୍ଯ୍ୟାୟରେ ଜାମଦା ବ୍ଲକ ନିମନ୍ତେ କାର୍ଯ୍ୟାଦେଶ ଦିଆଯାଇଥିବା ସୂଚନା ପ୍ରଦାନ କରିଥିଲେ ।ଏହି ଯୋଜନା ଅନୁଯାୟୀ ଭିନ୍ନକ୍ଷମ, ବିଧବା, ଗୁରୁତର ରୋଗରେ ପୀଡିତ ଓ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଅଗ୍ନିକାଣ୍ଡରେ ପ୍ରଭାବିତ ଲୋକମାନଙ୍କୁ ବାସଗୃହ ମିଳିବ। ଏହା ଛଡା ସହିଦ ଏବଂ ପଦ୍ମ ପୁରସ୍କାରପ୍ରାପ୍ତଙ୍କ ପରିବାର ମାନଙ୍କୁ ମଧ୍ୟ ଏହି ଯୋଜନାରେ ସାମିଲ କରାଯିବ ବୋଲି ଜଣାପଡିଛି ।ଏହି ଯୋଜନାର ଆବେଦନ କରିବା ପାଇଁ ହେଲେ ଲୋକମାନଙ୍କୁ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ସହାୟତା ପ୍ରାପ୍ତ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ମାଧ୍ୟମରେ ଅନଲାଇନରେ ପଞ୍ଜୀକରଣ କରିବାକୁ ପଡିବ। ତେବେ ଆବେଦନକାରୀମାନେ ହେଲ୍ପଲାଇନ୍ ନମ୍ବର ୦୬୭୪୬୮୧୭୭୭୭ ରେ ମଧ୍ୟ ଯୋଗାଯୋଗ କରିପାରିବେ ବୋଲି ସୂଚନା ମିଳିଛି ।ଜାମଦା ବ୍ଲକ ଅଧ୍ୟକ୍ଷ ଡୁମୁକା ହେମ୍ବ୍ରମ ଉପସ୍ଥିତ ରହି ସମସ୍ତଙ୍କୁ ସାଧୁବାଦ ପ୍ରଦାନ କରିଥିଲାବେଳେ ମଲ୍ଲିକ୍ ବାବୁ ମଂଚ ପରିଚାଳନା କରିଥିଲେ ।

# ପାଇଲେନି ୩୫ଶହ ଭତ୍ତା ଆରପାରିରେ ଅଶି ବର୍ଷୀୟ ‘ଅକ୍ରୁର‘



ହିନ୍ଦୋଳ ୧/୪(ନି.ପ୍ର): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ଅନେକ ଲୋକ ଅଛନ୍ତି ଯାହାଙ୍କର ପ୍ରକୃତ ବୟସ ୮୦ ପାର ହୋଇଯାଇଥିଲେ ମଧ୍ୟ ଭୋଟରରେ ଭୁଲ ବୟସ ପାଇଁ ବଞ୍ଚିତ ହୋଇଛନ୍ତି ବର୍ଦ୍ଧିତ ଭତ୍ତାରୁ। ସେହିପରି ଜଣେ ବ୍ୟକ୍ତି ଅଟନ୍ତି ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସି ର ଅପାନ୍ତର ତଥା ଅବହେଳିତ ଖରମୂଳ (ୱାର୍ଡନଂ-୧୬) ଗ୍ରାମର ଅକ୍ରୁର ପ୍ରଧାନ। ଖବରରୁ ପ୍ରକାଶ ଅକ୍ରୁର ପ୍ରଧାନ ଯାହାଙ୍କ ବୟସ ୮୦ବର୍ଷ ପାର ହୋଇ ଗତକାଲି ମୃତ୍ୟୁ ବରଣ ହୋଇଯାଇଥିଲେ ଭୋଟରରେ ବୟସ କମପାଇଁ ସେ ପାଇପାରି ନାହାନ୍ତି ୩୫ଶହ ଟଙ୍କା ବର୍ଦ୍ଧିତ ଭତ୍ତା। ଅକ୍ରୁର ଜଣେ ଗରିବ ଦିନମଜୁରିଆ ଅପାଠୁଆ ଆଦିବାସୀ ଶ୍ରେଣୀର ବ୍ୟକ୍ତି। ଥରେ ଦୁଇଥର ଏନଏସି କାର୍ଯ୍ୟାଳୟ ଦୌଡ଼ିଥିଲେ ମଧ୍ୟ ତାଙ୍କୁ ବର୍ଦ୍ଧିତ ଭତ୍ତା ପାଇପାରିବେ ନାହିଁ କାରଣ ତାଙ୍କର ବୟସ ହୋଇନାହିଁ ବୋଲି ଜଣାଇଦିଆ ଗଲା। ବିଚରା କିଛି ବୁଝିନପାରି କାନମୁଣ୍ଡା ଆଉଁସି ଏବେ ବୟସ ଓ ବାର୍ଦ୍ଧକ୍ୟରେ ଶେଷ ସମୟରେ ମୃତ୍ୟୁର ଅନ୍ତିମ ପର୍ଯ୍ୟାୟକୁ ଯାଇ ଶେଷରେ ପରପାରିରେ। ତେବେ ଏହିପରି ଶହଶହ 'ଅକ୍ରୁର' ମାନେ ସରକାରୀ ଦାଉପେଞ୍ଚ ବୁଝି ନପାରି ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ରହି ବୟସରେ ଶେଷ ସୀମାରେ ଏବଂ ଅନେକ ମୃତ୍ୟୁବରଣ କରିସାରିଲେଣି।ସେହିପରି ଏହ ୱାର୍ଡର ଅନେକ ଭୋଟର ମାୟା ପ୍ରଧାନ, ସୁକାନ୍ତି ପ୍ରଧାନ,ବିନୋଦ ପ୍ରଧାନ, ସୁଷମା ପ୍ରଧାନ, ରଙ୍ଗ ପ୍ରଧାନ ପ୍ରମୁଖ ବୟସ ହୋଇଯାଇଥିଲେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ।କେବେଦିନେ ଏଠାରେ ପାଦ ପଡ଼େନି ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧିଙ୍କର କିମ୍ୱା ଦେଖାଯାଏନି ଜନତାଙ୍କର ଦୁଃଖ ଏମାନଙ୍କୁ ବୋଲି କ୍ଷୋଭରେ କୁହନ୍ତି ସ୍ଥାନୀୟ ବାସିନ୍ଦା।ତେବେ ହିନ୍ଦୋଳ ଏନଏସି ଅଫିସରୁ ୮କିମି ଦୂର ହାତୀ, ବାରହା, ସାପ ଇତ୍ୟାଦି ଭୟଙ୍କର ବନ୍ୟଜନ୍ତୁ ବେଷ୍ଟିତ ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ଏହି ୱାର୍ଡ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ, ପାନୀୟଜଳ ଓ ସର୍ବୋପରି ଗମନାଗମନ କ୍ଷେତ୍ରରେ ଚିରଅବହେଳିତ, ଅସ୍ୱାସ୍ଥ୍ୟକର ପରିବେଶ ଏବଂ ରାଜନେତାଙ୍କର ମିଥ୍ୟା ପ୍ରତିଶ୍ରୁତି,ଅବହେଳା, ପ୍ରବଞ୍ଚନାର ଶିକାର ଖରମୂଳ ହିନ୍ଦୋଳର ଏକପ୍ରକାର ବିଚ୍ଛିନ୍ନାଞ୍ଚଳ ହୋଇ ରହିଯାଇଛି ସ୍ୱାଧୀନତାର ୭୮ବର୍ଷ ପରେ ମଧ୍ୟ।ସରକାରୀ ରାସନ ସାମଗ୍ରୀ ପାଇଁ ମଧ୍ୟ ଦୌଡିବାକୁ ପଡୁଛି ୮କିମି ହିନ୍ଦୋଳ,ହଟାତ ଦେହ ଖରାପ ହେଲେ ମେଡିକାଲ ଯିବା କାଠିକର ପାଠ।ଉର୍ନତି ପାଇଁ ଅନେକ ଟଙ୍କା ଖର୍ଚ୍ଚର ଡିଣ୍ଡିମ ପିଟାଯାଉଥିଲେ ମଧ୍ୟ କେବଳ ପକେଟ ଗରମ ହେଉଛି କିଛି ତଥାକଥିତ କ୍ଷମତାଶାଳୀ ପ୍ରଭାବଶାଳୀ ବ୍ୟକ୍ତିଙ୍କର ମାତ୍ର ଅଞ୍ଚଳ ରହିଯାଇଛି ଯେମିତିସେମିତି।ତେବେ ତେବେ ଦେଖିବାକୁ ବାକି ରହିଲା କେବେ ଚେତୁଛନ୍ତି ଏଠିକାର ଉପରୁ ତଳ ପର୍ଯ୍ୟନ୍ତ ନିର୍ବାଚିତ ଜନପ୍ରତିନିଧି ଓ ସ୍ଥାନୀୟ ପ୍ରଶାସନ ଏବଂ କେବେ ନ୍ୟାୟ ପାଇବେ ଏଠିକାର 'ଅକ୍ରୁର ' ଭଳି ଅନେକ ଭୋଟର ଯାହାକୁ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଜନସାଧାରଣ ନିର୍ବାଚନମଣ୍ଡଳୀ ସାରା ଅପେକ୍ଷା କରିରହିଛନ୍ତି।

## ପ୍ରେମିକା ୮ମାସର ଗର୍ଭବତୀ , ପ୍ରେମିକ ଫେରାର

ପାଟଣା୧/୪(ନି.ପ୍ର): ଭୁବନେଶ୍ୱରରେ ଏକ ଘରୋଇ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଜଣେ ଆଦିବାସୀ ଛାତ୍ରୀଙ୍କୁ ନିଜ ପଞ୍ଚାୟତ ଅଞ୍ଚଳ ର ଅନ୍ୟ ସମ୍ପ୍ରଦାୟ ର ଜଣେ ଯୁବକ ବିବାହ ର ପ୍ରଲୋଭନ ଦେଖାଇ ତାହା ସହ ଶାରୀରିକ ସମ୍ପର୍କ ରଖିବା ଓ ଯୁବତୀ ଜଣକ ୮ ମାସର ଗର୍ଭବତୀ ହେବା ପରେ ବିବାହ କରିବାକୁ ସଫା ସଫା ମନା କରି ଦେବା ସହ ଗ୍ରାମରୁ ଫେରାର ହୋଇ ଯିବା ଘଟଣା ପାଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।ଏହି ପିଡିତା ୧୨ ବର୍ଷୀୟା ଆଦିବାସୀ ଯୁବତୀ ଜଣକୁ ସରାସକୋଲା ଗ୍ରାମର ଜଣେ ଯୁବକ ପ୍ରେମ ଜାଲରେ ଫସାଇ ଥିଲା।ତାହାର ଭବିଷ୍ୟତ କୁ ଓ ଜନ୍ମ ହେବାକୁ ଥିବା ସନ୍ତାନ କୁ ସୁରକ୍ଷିତ କରିବା ଅଥବା ତାକୁ ଗିରଫ କରାଯିବା ପାଇଁ ଗତ ୧୯ ତାରିଖ ଯୁବତୀ ଜନକ ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଭାରତୀୟ ନ୍ୟାୟ ସଂହିତା ଧାରା ୬୯,୩୫୧(୨) ରେ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

## ମକରାପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୁଗୁଡା ୧/୪(ନି.ପ୍ର): ବୁଗୁଡା ବ୍ଲକ ଅନ୍ତର୍ଗତ ମାଣିତରା କ୍ଲଷ୍ଟର ମକରାପଲ୍ଲୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରାକାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସଏମସି ସଭାପତି ବସନ୍ତ ଗୌଡ଼ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସିଆରସିସି ଶଶିକାନ୍ତ ପାତ୍ର, ତାଳସାକର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିମାଞ୍ଚଳ ସେଠୀ, ଅନ୍ତରପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଜେନା , ଖରିଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପିତାମ୍ବର ଗୌଡ଼, ଚିଲିଖମା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କିରଣ କୁମାର ବେହେରା, କାନକୁଟୁରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦାରବିନ୍ଦ ରାଉତ, ସହକାରୀ ଶିକ୍ଷକ ମନୋରଞ୍ଜନ ପଣ୍ଡା, ଘୋଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ପ୍ରଧାନ, ମଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାୟକ, ମାଣିତରା ବନ୍ଧସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରୁନି ସାହୁ, ଭୋଗଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଦର୍ଶନ ପ୍ରଧାନ , ସହକାରୀ ଶିକ୍ଷୟିତ୍ରୀ ସୁଜାତା ସାହୁ ସାପୁଆପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ , ଶଙ୍କୁରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଏସଏମସି ମେମ୍ବର ଓ ଅଭିଭାବକ ବୃନ୍ଦ ଯୋଗଦେଇଥିଲେ। ଏଥିସହ ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ଜୟନ୍ତ ପଟ୍ଟନାୟକ ଓ ସନ୍ତୋଷ ପାତ୍ର ଏବଂ ଶିକ୍ଷୟିତ୍ରୀ ସୌମ୍ୟଶ୍ରୀ ସାହୁ ଓ ମାମିନା ଦଳେଇ ପରିଚାଳନାରେ ସହଯୋଗ କରିଥିଲେ।

## ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାର ତରଫରୁ ଜଳଛତ୍ର ଉଦଘାଟିତ




ଯାଜପୁର ୧/୪(ନି.ପ୍ର): ଦଶରଥପୁର ଅଞ୍ଚଳର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାର ପକ୍ଷରୁ ଆଜି ଏକ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଳଛତ୍ର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କବି ଅନନ୍ତ ସ୍ମୃତି ପାଠାଗାର ସମ୍ପାଦକ ଶ୍ରୀ ସସିକାନ୍ତ ନାୟକ,ଶିକ୍ଷକ ତଥା କବି ଜ୍ଞାନରଞ୍ଜନ ତ୍ରିପାଠୀ, ଦୁର୍ଯ୍ୟୋଧନ ସାମଲ,ଅକ୍ଷୟ ମଲ୍ଲିକ,ଗୋପବନ୍ଧୁ କଳା ପରିଷଦ ସମ୍ପାଦକ ବିଶ୍ୱମ୍ଭର ନାୟକ,ଡ଼ଲଫିନ ଡ୍ୟାନ୍ସ ଗ୍ରୁପର ନିର୍ଦ୍ଦେଶକ ମାଷ୍ଟର ମିହିର କୁମାର, ଗୀତିକାର ସାବିତ୍ରୀ ମଲ୍ଲିକ,କଣ୍ଠ ଶିଳ୍ପୀ ଜୟଦେବ ନାଥ,ସାମ୍ବାଦିକ ଦେବେନ୍ଦ୍ର ସାମଲ ଯୋଗଦେଇ ଏଭଳି ଏକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ନୀଳକଣ୍ଠପୁର-ନାରୀଗାଁ ମୁଖ୍ୟ ରାସ୍ତାର ମଧ୍ୟ ଭାଗରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସମସ୍ତ ଅତିଥି ଓ ଅନୁଷ୍ଠାନ ର ସଦସ୍ୟ ମାନେ ପଥିକ ମାନଙ୍କୁ ଦହିପଣା ବଣ୍ଟନ କରିଥିଲେ। ମୁଣ୍ଡଫଟା ଖରାକୁ ଦୃଷ୍ଟିରେ ରଖି ଏଭଳି ଏକ ସୁନ୍ଦର କାର୍ଯ୍ୟକ୍ରମଟି କରିଥିବାରୁ ସମସ୍ତ ପଥଚାରୀ ଓ ଗ୍ରାମବାସୀ ଖୁସିବ୍ୟକ୍ତ କରିଥିଲେ।ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାର ର ସମ୍ପାଦକ ଧୀରେନ୍ଦ୍ର ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନ ଶିକ୍ଷକ ସୁଦର୍ଶନ ପ୍ରଧାନଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ବୁଗୁଡା ୧/୪(ନି.ପ୍ର): ବୁଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ମାଣିତରା କ୍ଲଷ୍ଟରର ଭୋଗଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ପ୍ରଧାନ ମାର୍ଚ୍ଚ ୩୧ ତାରିଖ ଦିନ ଅବସର ନେଇଥିବା ବେଳେ ବିଦ୍ୟାଳୟ ଓ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭୋଗଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱ ସହକାରୀ ଶିକ୍ଷୟିତ୍ରୀ ସୁଜାତା ସାହୁ ଗ୍ରହଣ କରିଛନ୍ତି। ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ମାଣିତରା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ମହାରଣା, ମାଣିତରା କ୍ଲଷ୍ଟର ସିଆରସିସି ଶଶିକାନ୍ତ ପାତ୍ର, ଏସଏମସି ସଭାପତି ଅନିତା କୁମାରୀ ବେହେରା, ମଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାୟକ, ମକରାପଲ୍ଲୀ ୟୁ ପି ସ୍କୁଲ ସହକାରୀ ଶିକ୍ଷକ ସନ୍ତୋଷ ପାତ୍ର, ଖରିଡା ୟୁ ପି ସ୍କୁଲର ପ୍ରଧାନ ଶିକ୍ଷକ ପିତାମ୍ବର ଗୌଡ଼, ଅନ୍ତରପଡା ୟୁ ପି ସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଜେନା, ତାଳସାକର ୟୁ ପି ସ୍କୁଲ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ସେଠୀ, ସହକାରୀ ଶିକ୍ଷକ କମଳ ଲୋଚନ ପାଣିଗ୍ରାହୀ, ମାଣିତରା ବନ୍ଧସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୁନି ସାହୁ, କାନକୁଟୁରୁ ୟୁ ପି ସ୍କୁଲ ପ୍ରଧାନ ଶିକ୍ଷକ ପଦାରବିନ୍ଦ ରାଉତ, ସାପୁଆ ପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ ସମେତ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ବୃନ୍ଦ ଯୋଗଦେଇ ଉପହାର ପ୍ରଦାନ ଓ ଭବ୍ୟ ସମ୍ବର୍ଦ୍ଧନା ସହ ଅବସର କାଳୀନ ସମୟ ଶାନ୍ତିରେ କଟିବା ପାଇଁ କାମନା କରିଥିଲେ।

## ଶିକ୍ଷାବିତ ଙ୍କୁ ସମ୍ବର୍ଦ୍ଧନା

ପାଟଣା ୧/୪(ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ସରାସପଶି ପ୍ରାଥମିକ ବିଦ୍ୟାଳୟ ସଦ୍ୟ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ରାଜକିଶୋର ମିଶ୍ରଙ୍କୁ ନିଜ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯିବାପରେ ଆଜି ସନ୍ଧ୍ୟାରେ ଢେଙ୍କିକୋଟ ଠାରେ ତାଙ୍କର ଶୁଭେଚ୍ଛୁ, ବରିଷ୍ଠ ଶିକ୍ଷାବିତ ବନ୍ଧୁ, ବରିଷ୍ଠ ନାଗରିକ, ଶିକ୍ଷକ ନେତା ମାନଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯିବା ସହ ତାଙ୍କର ଅବସର ଜୀବନକୁ ସେ ସମାଜ ସେବାରେ ଲଗାନ୍ତୁ ବୋଲି ପରାମର୍ଶ ଦେଇଛନ୍ତି । ଢେଙ୍କିକୋଟ ଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଶ୍ରୀ ମିଶ୍ରଙ୍କ ବନ୍ଧୁ ତଥା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ, ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ, ବିଶ୍ୱରଞ୍ଜନ ପୃଷ୍ଟି, ଶିକ୍ଷକ ନେତା କାହ୍ନୁଚରଣ ସାମଲ, ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଶତପଥୀ, ଅବସରପ୍ରାପ୍ତ ଶିକ୍ଷାବିତ ଭରତ ଚନ୍ଦ୍ର ମହାନ୍ତ ଓ ବିଦ୍ୟାଧର ନାଥ,ପ୍ରଧାନଶିକ୍ଷକ ସଦାଶିବ ବେହେରା, ପ୍ରଶାନ୍ତ ପୁହାଣ ଓ ଇନ୍ଦ୍ରମଣି କର ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଶ୍ରୀ ମିଶ୍ର ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

## ହନୁମାନ ଜୟନ୍ତୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ବୈଠକ ଅନୁଷ୍ଠିତ



ନିଶ୍ଚିନ୍ତକୋଇଲି ୧/୪(ନି.ପ୍ର): ଉମର ପଂଚାୟତର ଉମର ସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀୟୁ, ହନୁମାନ ମନ୍ଦିର ଉମର ପରିସରରେ ହନୁମାନ ଜୟନ୍ତୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ଏକ ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉମର ଗ୍ରାମବାସୀ ଏବଂ ହନୁମାନ ଭକ୍ତମାନଙ୍କ ସହଯୋଗରେ ମନ୍ଦିର ପରିସରରେ ଦୀର୍ଘଦିନ ଧରି ହନୁମାନ ଜୟନ୍ତୀ ପାଳିତ ହୋଇଆସୁଥିଲା। ମନ୍ଦିର ଟ୍ରଷ୍ଟବୋର୍ଡ଼ ବିବାଦ କ୍ରମେ ଟ୍ରଷ୍ଟବୋର୍ଡ଼ ଥାଇ ମଧ୍ୟ କୌଣସି ପର୍ବପର୍ବାଣି କରୁ ନଥିବା ସହିତ କି ଦେବୋ□ର କମିଶନରଙ୍କୁ ହିସାବପତ୍ର ଦେଉ ନଥିବା ଅଭିଯୋଗ ହେଉଛି। ଫଳରେ ମନ୍ଦିରର ବହୁ ପର୍ବପର୍ବାଣି ବନ୍ଦ ହେବାକୁ ବସିଲାଣି। ତା୧୩.୦୪.୨୦୨୫ରିଖ ଓ ୧୪.୦୪.୨୦୨୫ରିଖ ଦୁଇ ଦିନ ବ୍ୟାପୀ ମନ୍ଦିର ପରିସରରେ ହନୁମାନ ଜୟନ୍ତୀ ଉପଲକ୍ଷେ ଉମରଗ୍ରାମବାସୀ ଏବଂ ହନୁମନ୍ତ ଭକ୍ତମଣ୍ଡଳୀ ମିଳିତ ସହଯୋଗରେ ହନୁମାନ ଜୟନ୍ତୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବାକୁ ଉକ୍ତ ବୈଠକରେ ସ୍ଥିର କରାଯାଇଛି। କମିଶନରଙ୍କ ଅନୁମତି କ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଦଳଗତ ନିର୍ବିଶେଷରେ ଏଠାରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଏହି ବୈଠକରେ କମିଟିର ମୁଖ୍ୟ ସଂପାଦକ ପ୍ରମୋଦ କୁମାର ମହାରଣା ଅଧ୍ୟକ୍ଷତା କରିଥିଲେ। ବୈଠକରେ ବହୁ ସଂଖ୍ୟକ ଉମର ଗ୍ରାମବାସୀ ଓ ହନୁମାନଭକ୍ତମାନେ ଉପସ୍ଥିତ ରହିଥିଲେ।

## ଜାତୀୟ ସେବା ଯୋଜନା ପକ୍ଷରୁ ‘ ସ୍ୱଚ୍ଛତା ହିଁ ସେବା‘ କାର୍ଯ୍ୟକ୍ରମ

ପୋଲସରା ୧/୪(ନି.ପ୍ର): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପୋଲସରା ବିଜ୍ଞାନ ମହାବଦ୍ୟାଳୟର ଜାତୀୟ ସେବା ଯୋଜନାର ପୁରୁଷ ୟୁନିଟ, ମହିଳା ୟୁନିଟ ଓ ଯୁଗ୍ମ ୟୁନିଟ ପକ୍ଷରୁ ମାର୍ଚ୍ଚ ୩୦ ତାରିଖ ଦିନ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ତିନି ୟୁନିଟର ପ୍ରୋଗ୍ରାମ ଅଫିସର୍ ସେକ ଫରିଦ୍, ବସନ୍ତ କୁମାର ପାଣି ଓ ପ୍ରକାଶ ଚନ୍ଦ୍ର ସାହୁ ଙ୍କ ତତ୍ତ୍ୱାବଧାନରେ ଏନଏସଏସ ସ୍ୱେଚ୍ଛାସେବୀମାନେ କଲେଜ ପରିସରକୁ ସଫେଇ କରିଥିଲେ। ସ୍ୱେଚ୍ଛାସେବୀ ବୃନ୍ଦ ଝାଡୁ ଧରି କଲେଜ ପରିସର ସଫା କରି ଅଳିଆ ଗୁଡିକୁ ନିର୍ଦ୍ଦିଷ୍ଟ ସ୍ଥାନରେ ଜମା କରି ପୋଡି ଦେଇଥିଲେ। ଯାହା ଦ୍ୱାରା କଲେଜ ପରିସର ନିର୍ମଳ ପରିବେଶ ସୃଷ୍ଟି ହୋଇଥିଲା।

## ଅସହାୟ ପରିବାରକୁ ଶୁଦ୍ଧିକ୍ରିୟା ସହାୟତା ଦେଲା ଭରସା ପରିବାର



ପାଟଣା ୧/୪(ନି.ପ୍ର): ସାହାରପଡା ବ୍ଲକ ବଡ଼ବିଲ ଗ୍ରାମପଞ୍ଚାୟତ ତିଳବେଡା ଗ୍ରାମର ସ୍ୱର୍ଗତ ଘନଶ୍ୟାମ ମହାନ୍ତ କିଡ଼ନୀ ରୋଗରେ ପଡ଼ି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସମୟରେ ପ୍ରମୁଖ ସ୍ୱେଚ୍ଛାସେବୀ ସଙ୍ଗଠନ ଭରସା ପରିବାର ଟ୍ରଷ୍ଟ ପକ୍ଷରୁ ସଭାପତି ଲମ୍ବୋଦର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଲୋକ ସମ୍ପର୍କ ଅଧିକାରୀ ରଜନୀକାନ୍ତ ବେହେରା ଚିକିତ୍ସିତ ରୋଗୀଙ୍କ ପାଇଁ ଜରୁରୀକାଳୀନ ରକ୍ତଦାନ କରିଥିଲେ। ଚିକିତ୍ସିତ ହୋଇ ଘରକୁ ଆଣିବାର କିଛି ଦିନପରେ ରୋଗୀ ମୃତ୍ୟୁବରଣ କରିଥିଲେ। ଚିକିତ୍ସା କରାଇ ସର୍ବଶାନ୍ତ ହୋଇ ପଡ଼ିଥିବା ବିଧବା ସ୍ତ୍ରୀ ଶୁଦ୍ଧିକ୍ରିୟା ପାଇଁ ସମ୍ପୂର୍ଣ୍ଣ ଅସମର୍ଥତା ପ୍ରକାଶ କରି ସହଯୋଗ ପାଇଁ ସଂଗଠନର ଉପଦେଷ୍ଟା ଯୁଧିଷ୍ଠିର ମହାନ୍ତ ତଥା ଆଞ୍ଚଳିକ ଆଞ୍ଚଳିକ କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ। ଅନୁରୋଧ ରକ୍ଷା କରି ସଭାପତି ଲମ୍ବୋଦର ମହାନ୍ତ, ଲୋକସମ୍ପର୍କ ଅଧିକାରୀ ରଜନୀକାନ୍ତ ବେହେରା, ଉପଦେଷ୍ଟା ଯୁଧିଷ୍ଠିର ମହାନ୍ତ, ସାହାରପଡା ସରପଞ୍ଚ ପଦ୍ମଲୋଚନ ନାଏକ, ମାନସ ରଞ୍ଜନ ମହାନ୍ତ, ରତିରଞ୍ଜନ ମହାନ୍ତ, ହିମାଂଶୁ ଶେଖର, ରୋଜାଲିନ ବାରିକ, ପଦ୍ମଲୋଚନ ବେହେରା ପ୍ରମୁଖ ଅସହାୟ ଦୁଃଖୀ ପରିବାର ଘରକୁ ଯାଇ ଶୁଦ୍ଧିକ୍ରିୟା ପାଇଁ ଆବଶ୍ୟକୀୟ ତେଜରାତି ସାମଗ୍ରୀ, ଶୁଖିଲା ଖାଦ୍ୟ ତଥା ବିଧବା ସ୍ତ୍ରୀ ପାଇଁ ନୂତନ ଶାଢ଼ୀ ଓ ଦୁଇ ନାବାଳକ ପୁଅଙ୍କ ପାଇଁ ନୂତନ ବସ୍ତ୍ର ପ୍ରଦାନପୂର୍ବକ ସମବେଦନା ଜଣାଇଥିଲେ । ସଂଗଠନର ନିଃସ୍ୱାର୍ଥପର ସେବା କାର୍ଯ୍ୟକୁ ଗ୍ରାମବାସୀ ତଥା ଆଞ୍ଚଳିକ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି।

## ଖିରେଇଟାଙ୍ଗିରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ବାର୍ଷିକ ସମାରୋହ

ପାଟଣା ୧/୪(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଖିରେଇଟାଙ୍ଗିରୀ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ର ୨୪ ତମ ବାର୍ଷିକ ଉତ୍ସବ ଗତ ସନ୍ଧ୍ୟାରେ ପାଳନ କରାଯାଇଛି ।ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ , ମୁଖ୍ୟ ବକ୍ତା ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ଜିଲ୍ଲା ବିଜେପି ସଭାପତି ରାଧାକାନ୍ତ ମହାନ୍ତ , ୨୧ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ନାଏକ ଓ ସରପଞ୍ଚ ସଞ୍ଜୁଲତା ନାଏକ ଯୋଗ ଦେଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ନୈତିକ ଶିକ୍ଷା ଉପରେ ଆଲୋକପାତ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ରୋହିତ ମହନ୍ତ ଙ୍କ ଅଧକତା ରେ ସମ୍ପାଦକ ବିନୋଦ ବିହାରୀ ମହାନ୍ତ ମଞ୍ଚ ପରିଚାଳନା କରି ଥିଲେ । କାର୍ଯ୍ୟକ୍ରମ ରେ ବାର୍ଷିକ କ୍ରୀଡା ତଥା ମେଧା ଅନ୍ୱେଷଣ ପ୍ରତିଯୋଗିତା ର ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଛାତ୍ର ଛାତ୍ରୀ ମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ।

# ଓଡ଼ିଶାରେ ଜୀବନ,ଆନ୍ଧ୍ରରେ ଜୀବିକା



## ଓଡ଼ିଆ ପିଲା ପଢୁଛନ୍ତି ତେଲୁଗୁ, ବାର୍ଦ୍ଧକ୍ୟ ଭତ୍ତା ୪ହଜାର

ରାୟଗଡ଼ା,୧/୪: ରାୟଗଡ଼ା ଜିଲ୍ଲାର ୧୧ ବ୍ଲକ୍ ମଧ୍ୟରୁ ୪ ବ୍ଲକ୍ର ସୀମା ପଡ଼ୋଶୀ ରାଜ୍ୟ ଆନ୍ଧ୍ରକୁ ଲାଗିଛି। ତେଣୁ ତେଲୁଗୁ ଭାଷା ଏବଂ ସଂସ୍କୃତିର ଭଲ ପ୍ରଭାବ ରାୟଗଡ଼ା ଜିଲ୍ଲାରେ ଦେଖିବାକୁ ମିଳେ। ବିଡ଼ମ୍ବନା ହେଲା ଓଡ଼ିଶାର ସୀମାନ୍ତ ଗ୍ରାମବାସୀ ଏବେ ବି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଜୀବିକା ଲାଗି ନିଜ ଅଞ୍ଚଳରେ କୌଣସି ବ୍ୟବସ୍ଥା ନଥିବାରୁ ଆନ୍ଧ୍ର ଉପରେ ସଂପୂର୍ଣ୍ଣ ନିର୍ଭର କରୁଛନ୍ତି। ରାୟଗଡ଼ା, କୋଲନରା, ରାମନାଗୁଡ଼ା ଓ ଗୁଣପୁର ବ୍ଲକ୍ର କିଛି ଗାଁ ଆନ୍ଧ୍ର ସୀମାରେ ରହିଛି। ସ୍ୱଳ୍ପ ବୃଷ୍ଟି ଯୋଗୁ କୃଷିରୁ ବିଶେଷ ଉପାର୍ଜନ ହେଉନି। ରୋଜଗାରର ଅନ୍ୟ ମାଧ୍ୟମ ଏଯାଏଁ ହୋଇପାରିନି। ତେଣୁ ସୀମାନ୍ତ ଗ୍ରାମବାସୀ ମୂଲ ଲାଗିବାକୁ ପ୍ରତିଦିନ ଆନ୍ଧ୍ରକୁ ଯାଉଛନ୍ତି। ରାମନାଗୁଡ଼ା ବ୍ଲକ୍ର ସୌରାଗୁଡ଼ା, କାଟିକି, ସୁଲୁଡୁ, କାପୁରଗୁଡ଼ା, ପାଲିକିଡ଼ଙ୍ଗା, ଆଚପା, ପିତାଲମାଙ୍ଗି, ଗୁଣପୁର ବ୍ଲକ୍ର ପାରିଡ଼ି, ମାରମା, ଗୋମୁ, ଗୁମୁଡୁଗୁଡା, କୁକୁରୁଗୁଡ଼ା, ଶ୍ରୀରାମପୁର, ମାରିଗୁଡ଼ା, ଶନାଇଗୁଡ଼ା, ଜଗନ୍ନାଥପୁର, କୋରମା, ବାଢ଼ିଲି, କୋଲନରା ବ୍ଲକର ଜୁମୁରୀ, ମୁରଚିକଣା, ଲହରିଗୁଡ଼ା, ତୋଟାଗୁଡ଼ା, ରାୟଗଡ଼ା ବ୍ଲକର କେରଡ଼ା, ଆମ୍ଳବାଲାସା ସହ ଆଉ କିଛି ଗାଁ ଆନ୍ଧ୍ର ସୀମାକୁ ଲାଗିଛି। ସୀମାନ୍ତ ଅଞ୍ଚଳରେ ଯେଉଁଭଳି ବିକାଶ ହେବା କଥା ହୋଇପାରିନି ବୋଲି ଆମ୍ଳବାଲାସା ଓ୍ୱାର୍ଡସଭ୍ୟ କିଶୋର ଜିଲାକାରା କହିଛନ୍ତି। ସୀମାନ୍ତରେ ଆନ୍ଧ୍ର ରାସ୍ତାଘାଟ ସହ ଅନ୍ୟାନ୍ୟ ଜନହିତକର କାର୍ଯ୍ୟ କରୁଥିବା ବେଳେ ଓଡ଼ିଶାର ରାସ୍ତାଘାଟ ଦୟନୀୟ। ବିକାଶ ବି ନଗଣ୍ୟ। ଏପରିକି ଓଡ଼ିଶା ଭାଷା ବି ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଛି। ପ୍ରାୟ ସ୍ଥାନରେ କେବଳ ତେଲୁଗୁ ଭାଷାର ଛାପ ଦେଖିବାକୁ ମିଳିଛି। ସୀମାନ୍ତ ବିଦ୍ୟାଳୟଗୁଡ଼ିକରେ ଉପସ୍ଥାନ କମ୍ ଯୋଗୁ ବନ୍ଦ ହୋଇଯିବାରୁ ପିଲା ଶିକ୍ଷା ପାଇଁ ଆନ୍ଧ୍ରମୁହାଁ। ଲୋକେ ତେଲୁଗୁ ଆଉ ଆଦିବାସୀ ଭାଷା ଛାଡ଼ି ଅନ୍ୟ କୌଣସି ଭାଷା ଜାଣିନାହାନ୍ତି। ରାୟଗଡ଼ା ସଦର ବ୍ଲକ୍ର ସାନଲୁକୁଟି, ବଡ଼ଲୁକୁଟି, ଗୋସେଇଁକଣ୍ଟୁଆ, ରାମଗୁଡ଼ା, କେସେଡ଼ା, ସାନରାଇସିଂ, ଜିମିଡ଼ି, ତୁଳସୀଓ୍ୱାଲସା ଓ ହୁଲୁକି ପରି ପ୍ରାୟ ୧୧ରୁ ଊର୍ଦ୍ଧ୍ୱ ବିଦ୍ୟାଳୟକୁ ଉପସ୍ଥାନ କମ୍ ଥିବା ଦର୍ଶାଇ ଶିକ୍ଷା ବିଭାଗ ବନ୍ଦ କରିଦେଇଛି। ତେଣୁ ଓଡ଼ିଶା ଭାଷା ଜାଣିବାରୁ ଏଠାକାର ପିଲା ବଞ୍ଚିତ ହୋଇଛନ୍ତି। ମନରେଗା ଭଳି ଯୋଜନାର ଲାଭ ପାଉନାହାନ୍ତି ସୀମାନ୍ତବାସୀ। ଫଳରେ ଓଡ଼ିଶାରେ ମାନଚିତ୍ରରେ ଗାଁ ରହିଥିଲେ ସୁଦ୍ଧା ଆନ୍ଧ୍ରର ପତିଆରା ବଢୁଛି। ଯାହାଫଳରେ ଆଗକୁ ଆନ୍ଧ୍ରରେ ମିଶ୍ରଣ ପାଇଁ ଆନ୍ଦୋଳନ ମୁଣ୍ଡ ଟେକିପାରେ ବୋଲି ବୁଦ୍ଧିଜୀବୀ ମତ ଦେଉଛନ୍ତି।

## ପାଣି ବିଲ୍: କାହାର ୧୮ ହଜାର, କାହାର ୧୦



ଭୁବନେଶ୍ୱର,୧/୪: ପର ଘରେ ମୂଲ ଲାଗିରେ ମାସିକ ୫ ହଜାର ଟଙ୍କା ବି ମିଳୁନି। ସ୍ୱାମୀ ସ୍ତ୍ରୀ ମିଶି ଯେତିକି ରୋଜଗାର ହେଉଛି ସେଥିରେ କୁଟୁମ୍ବଙ୍କ ପେଟ ପୂରୁନି। ହେଲେ ପାଣି ବିଲ୍ ଆସିଛି ୧୮ହଜାର ୮୩ଟଙ୍କା। ପୂର୍ବରୁ ଗୋଟିଏ ଜାଗାରୁ ଦିନକୁ ଦୁଇ ଥର ସମସ୍ତେ ପାଣି ଆଣୁଥିଲୁ। ହେଲେ ୨୪ ଘଣ୍ଟିଆ ପାଣି ମିଳିବ କହି ଘରକୁ ପାଇପ୍ ସଂଯୋଗ କରି ମିଟର ଲଗେଇ ଦେଲେ। ମିଟର ଲାଗିବା ପରେ ଥରୁଟିଏ କେହି ରିଡିଂ ନେଇ ବିଲ୍ ଦେଇନାହାନ୍ତି। ହେଲେ ବିଲ୍୧୮ ହଜାର ଟଙ୍କାରେ ପହଞ୍ଚିଲାଣି। ସବୁ ସମ୍ପତ୍ତି ବିକିଦେଲେ ବି ୧୮ ହଜାର ହବନି। ପାଣି ବିଲ୍ ପାଇଁ ପଇସା କୋଉଠୁ ଆଣିବୁ? ୟୁନିଟ୍-୩ କେଶରୀନଗର ବସ୍ତିର କେବଳ ରୀନା ପ୍ରଧାନ ନୁହନ୍ତି, ବରଂ ଏଭଳି ସମସ୍ୟା ଏକାଧିକ ବସ୍ତିବାସିନ୍ଦାଙ୍କର ରହିଛି। କନକ ସିଂହ ମାଝୀଙ୍କର ୧୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ବିଲ୍ ଆସିଥିଲା ବେଳେ ସୁନ୍ଦରୀ ସେଠୀଙ୍କର ୨୩୦୯ ଟଙ୍କା ବିଲ୍ ଆସିଛି। ସେହିଭଳି ଅନ୍ୟମାନଙ୍କର ମଧ୍ୟ ହଜାର ହଜାର ଟଙ୍କାର ବିଲ୍ ଆସିଛି। ଯେଉଁମାନଙ୍କର ବିଲ୍ ଆସିନି ସେମାନେ ଏବେ ଆଶଙ୍କାରେ ଅଛନ୍ତି, କେବେ ଆସିଯିବ। ରାଜଧାନୀର ୩୬ ନମ୍ବର ଓ୍ୱାର୍ଡରେ ଥିବା ଏହି ବସ୍ତିରେ ପାଖାପାଖି ୩୦୦ ପରିବାରର ଦେଢ଼ ହଜାର ଲୋକ ବସବାସ କରୁଛନ୍ତି। ବସ୍ତିର ଅଧିକାଂଶ ଲୋକ ଘରୋଇ ସହାୟିକା, ଶ୍ରମିକ ଅଥବା ଛୋଟ ମୋଟ ବ୍ୟବସାୟ କରନ୍ତି। ଏଭଳିସ୍ଥିତିରେ ବିଦ୍ୟୁତ୍ ବିଲ୍ ସହିତ ଏତେ ଟଙ୍କାର ପାଣି ବିଲ୍ ସେମାନଙ୍କୁ ବୋଝ ଉପରେ ନଳିତା ବିଡ଼ା ଭଳି ହୋଇଛି। ବସ୍ତିବାସିନ୍ଦାଙ୍କ କହିବା ଅନୁଯାୟୀ ଯଦି ଆମେ କିସ୍ତିରେ ବି ଟଙ୍କା ଦେଉ ତାହା ବି ଆମକୁ ବାଧିବ। ପୁଣି ସ୍ୱଳ୍ପ ଆୟ ଯେହେତୁ କେତେ ବ୍ୟବହାର କଲେ କେତେ କ'ଣ ଆସିବ ଜାଣି ନାହୁଁ। ତେଣୁ ପାଣି ବିଲ୍ ବିଷୟରେ ସରକାର ବିଚାର କରିବାକୁ ସେମାନେ ଅନୁରୋଧ କରିଛନ୍ତି। କେବଳ ଏହି ବସ୍ତି ନୁହେଁ, ବରଂ ସହରସାରା ଏଭଳି ସମସ୍ୟା ରହିଛି। କେଉଁଠାରେ ବି ମିଟର ରିଡିଂ ହେଉନାହିଁ। ବରଂ ଅଫିସରମାନେ ଘରେ ବସି ମନଇଚ୍ଛା ବିଲ୍ ପ୍ରସ୍ତୁତ କରୁଥିବାରୁ ଏଭଳି ସମସ୍ୟା ହୋଇଥିବା ଅଭିଯୋଗ ହୋଇଛି। ଗତ ୨୦୧୯ ମସିହା ଡିସେମ୍ବର ମାସରେ ସରକାର ଘରେ ଘରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲାଗି ବ୍ୟବସ୍ଥା କରାଇଥିଲେ। ପାଣିର ଉଚିତ ବିନିଯୋଗ ପାଇଁ ମିଟର ବସାଇଥିଲେ। ସେତେବେଳେ ଜଳସାଥୀମାନେ ଜଳକର ଆଦାୟ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଜଳର ଗୁଣାବତ୍ତା ପରୀକ୍ଷା କରିବା, ଜଳଯୋଗାଣ ସଂସ୍ଥା ଓ ଉପଭୋକ୍ତାମାନଙ୍କ ମଧ୍ୟରେ ଜଳସାଥୀମାନେ ସେତୁ ଭଳି କାମ କରିବେ ବୋଲି କୁହାଯାଇଥିଲା। ହେଲେ ଯୋଜନା ମୁତାବକ ଅଧିକାଂଶ ସ୍ଥାନରେ ଏହି ନିୟମ ଲାଗୁ ହେଲାନାହିଁ। ଫଳସ୍ୱରୂପ ରାଜଧାନୀର ଅଧିକାଂଶ ସ୍ଥାନରେ ମିଟର ରିଡିଂ ନିଆଯାଉନାହିଁ। ଏନେଇ କର୍ପୋରେଟର ଅଲିଅଳି ମଲ୍ଲିକଙ୍କ କହିବା ଅନୁଯାୟୀ ବସ୍ତିର ଲୋକ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ବିଲ୍ ଛାଡ଼ କରାଯିବା ଉଚିତ। ଏଥିସହିତ ବସ୍ତିର ପାଣି ସମସ୍ୟା ବିଷୟରେ ସେ କନିଷ୍ଠ ଯନ୍ତ୍ରୀଙ୍କ ସହ କଥା ହୋଇଛନ୍ତି। ପାଣି ମିଟର ବ୍ୟବହାର ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ପାଇଁ ବାଟ୍କୋ କର୍ତ୍ତୃପକ୍ଷ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

## ବୈତରଣୀ ମଝିରେ ବନ୍ଧ ନିର୍ମାଣକୁ ନା ନିର୍ମାଣ କାର୍ଯ୍ୟ ବନ୍ଦ କଲେ ନଈକୂଳବାସୀ



ଧାମନଗର/ଅସୁରାଳି,୧/୪: ବୈତରଣୀ ନଦୀ ମଝିରେ ଯାଜପୁର ଜିଲ୍ଲା ପାର୍ଶ୍ୱରେ ଏକ ନୂତନ ବନ୍ଧ ନିର୍ମାଣ କାର୍ଯ୍ୟ ଚାଲିଛି। ଏପରି ନିର୍ମାଣକୁ ଭଦ୍ରକ ଜିଲ୍ଲା ଧାମନଗରବାସୀ ବିରୋଧ କରିବା ସହ କାମ ବନ୍ଦ କରିଛନ୍ତି। ଏହାକୁ ନେଇ ଆଜି ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ଆଗକୁ ଏହାକୁ ନେଇ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାର ଆଶଙ୍କା ସୃଷ୍ଟି ହୋଇଛି। ବୈ?ତରଣୀ ନଦୀର ଯାଜପୁର ପାର୍ଶ୍ୱ ଦଶରଥପୁର ବ୍ଲକ୍ ଅଧୀନରେ ଥିବା ଜୟନ୍ତିରା ଗାଁ ଫୈଦାରୀ ମଠ ନିକଟରୁ ଏକ ବନ୍ଧ କାର୍ଯ୍ୟ ପ୍ରାୟ ୩ ବର୍ଷ ତଳେ ଆରମ୍ଭ ହୋଇଥିଲା। ଏବେ ନଦୀ ମଝିରେ ବନ୍ଧ ପକାଇବା କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ନଦୀପଠାରେ ଥିବା ଧାମନଗର ବ୍ଲକର ପଧାନୀ ଓ ସୋହଡ଼ା ଅଞ୍ଚଳର ବହୁ ଲୋକଙ୍କ ବ୍ୟକ୍ତିଗତ ଜାଗା ଉପରେ ଏହି ବନ୍ଧ ନିର୍ମାଣ ହେଉଛି। ଫଳରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ନିର୍ମାଣ ସ୍ଥଳରେ ପହଞ୍ଚି କାମ ବନ୍ଦ କରିବା ସହ ପ୍ରବଳ ହୋହଲ୍ଲା କରିଛନ୍ତି। ଏପରି ହେଲେ ବୈତରଣୀର ଶଯ୍ୟା ସଙ୍କୁଚିତ ହେବ ଏବଂ ଧାମନଗର, ତିହିଡ଼ି ଓ ଚାନ୍ଦବାଲି ବ୍ଲକ ପ୍ରତି ଅଧିକ ବିପଦ ସୃଷ୍ଟି ହେବ ବୋଲି କହିଛନ୍ତି। ଜୟନ୍ତିରା ଗ୍ରାମର କେତେକ ଲୋକ ସେମାନଙ୍କୁ ବିରୋଧ କରିବା ଯୋଗୁଁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବର୍ଷ ବର୍ଷ ଧରି ବୈତରଣୀ ଡାହାଣ ପାର୍ଶ୍ୱକୁ ଜଳସମ୍ପଦ ବିଭାଗ ସୁରକ୍ଷା ଦେଇ ଆସୁଥିବା ବେଳେ ବାମ ପାର୍ଶ୍ୱକୁ କ୍ରମାଗତ ଅବହେଳା କରୁଛି। ଏବେ ନଦୀ ମଝିରେ ବନ୍ଧ ତିଆରି କରି ଅଧିକ ବିପଦ ସୃଷ୍ଟି କରାଯାଉଛି ବୋଲି ପଧାନୀ ଓ ସୋହଡ଼ା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ବେଆଇନ ନିର୍ମାଣ ବନ୍ଦ ପାଇଁ ଦାବି କରାଯାଇଛି। ଧନଜୀବନର ସୁରକ୍ଷା ପାଇଁ ଚରମ ପଦକ୍ଷେପ ନେବାକୁ ପଛାଇବେ ନାହିଁ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଯାଜପୁର ଓ ଭଦ୍ରକ ଜିଲ୍ଲାରେ ପ୍ରବାହିତ ବୈତରଣୀ ନଦୀର ଡାହାଣ ପାର୍ଶ୍ୱ ଆଡ଼ିବନ୍ଧକୁ ରାଜ୍ୟ ସରକାର ବୃହତ୍? ଆଡ଼ିବନ୍ଧ ମାନ୍ୟତା ଦେଇଛନ୍ତି। ଅପରପକ୍ଷରେ ବାମ ପାର୍ଶ୍ୱ ଭଦ୍ରକ ଜିଲ୍ଲାର ଆଡ଼ିବନ୍ଧକୁ କୃଷି ଆଡ଼ିବନ୍ଧ ମାନ୍ୟତା ମିଳିଛି। ଯାଜପୁର ପାର୍ଶ୍ୱ ବନ୍ଧ ମାନ୍ୟତା ଦୃଷ୍ଟିରୁ ଦୃଢ଼ ଓ ପ୍ରଶସ୍ତ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବୈତରଣୀ ନଦୀଠାରୁ ଡାହାଣପଟ ବନ୍ଧର ଦୂରତା ୫ଶହ ମିଟରରୁ ୮ଶହ ମିଟର ଯାଏଁ ରହିଛି। କିନ୍ତୁ ବାମପଟ ବନ୍ଧଠାରୁ ନଦୀର ଅବସ୍ଥିତି ମାତ୍ର ୫୦ରୁ ଶହେ ମିଟର ମଧ୍ୟରେ ରହିଛି। ଦୁର୍ବଳ ନଦୀବନ୍ଧ ଯୋଗୁ ପ୍ରାୟ ପ୍ରତିବର୍ଷ ବନ୍ୟାରେ ଭଦ୍ରକ ଜିଲ୍ଲା ବିଶେଷ କରି ଧାମନଗରରେ ବ୍ୟାପକ କ୍ଷୟକ୍ଷତି ଘଟୁଛି। ଏହାସହ ବନ୍ୟା ଯୋଗୁ ତିହିଡ଼ି ଓ ଚାନ୍ଦବାଲି ମଧ୍ୟ କ୍ଷତିଗ୍ରସ୍ତ ହେଉଛି।

## ସମାବାଲି ଗ୍ରାମବାସୀଙ୍କ ପାଇଁ ନଳକୂପ ସାତ ସପନ

### ପାଣି ପାଇଁ ଡହଳବିକଳ ହେଉଛନ୍ତି ଲୋକେ



ଫୁଲବାଣୀ,୧/୪: ରାଜ୍ୟ ସରକାର ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ଅନେକ ଯୋଜନା କରୁଛନ୍ତି। ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ପାନୀୟଜଳ ଯୋଗାଣ କରୁଛନ୍ତି। ହେଲେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ଲାଠିକୁପା ଗ୍ରାମ ସମାବାଲି ସାହିରେ ଏପର୍ଯ୍ୟନ୍ତ ନଳକୂପଟିଏ ନାହିଁ। ଫଳରେ ଗ୍ରାମରେ ବର୍ତ୍ତମାନ ଜଳସଙ୍କଟ ଦେଖିବାକୁ ମିଳିଛି। ଲୋକେ ପାଣି ପାଇଁ ଡହଳବିକଳ ହେଉଛନ୍ତି। ସାହିବାସିନ୍ଦାମାନେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ। ଯାହାଫଳରେ ସମାବାଲି ସାହିର ଜନସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସମବାଲି ସାହିର ବିଶ୍ୱନାଥ କହଁର, ପ୍ରମିଳା ମଲ୍ଲିକ, ଗୀତାଞ୍ଜଳି କହଁର , ସୁମିତ୍ରା ମଳିକ, ମାନବ କହଁର, ନିଦ କହଁର, ଭାସ୍କର ମଳିକ, କଟେରୀ କହଁର ଶାଶ୍ର ମଳିକ, ନିଦିକ୍ କହଁର, ଶ୍ରଦ୍ଧାଞ୍ଜଳି ମଳିକ, ସୁବଳ କହଁର ଓ ସୁଧାମ କହଁର ଏବଂ ଲାଟିକୁପା ଗ୍ରାମର ସମବାଲି ସାହିର ଲୋକମାନେ ପିଇବା ପାଣି ପାଇଁ ୧ କିଲୋମିଟର ଦୂର ଯାଉଛନ୍ତି। ଆଗକୁ ଖରାଦିନ ଆସୁଥିବାରୁ ପିଇବା ପାଣି ପାଇଁ ଆହୁରି ଅସୁବିଧା ଦେଖାଦେବା ସହିତ ଲାଟିକୁପା ଗ୍ରାମ ସମବାଲି ସାହିର ବାସିନ୍ଦା ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି। ପ୍ରଶାସନ ଏ ଦିଗରେ କୌଣସି ପ୍ରକାର ପଦକ୍ଷେପ ନ ନେଲେ ବାଧ୍ୟ ହୋଇ ଅଞ୍ଚଳବାସୀ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଖଣି ରାଜସ୍ୱକୁ ଝଟ୍କା: ୬ ହଜାର କୋଟି ହାତଛଡ଼ା

### ଯୋଡ଼ା ଖଣି ମଣ୍ଡଳରେ କମିଛି ୨ ହଜାର କୋଟି



କେନ୍ଦୁଝର,୧/୪: ଖଣି ରାଜସ୍ୱ ଆଦାୟରେ ଓଡ଼ିଶା ଏଥର ପଛେଇଛି। ଗତବର୍ଷ ତୁଳନାରେ ରାଜ୍ୟ ପାଖାପାଖି ୬ ହଜାର କୋଟି ଟଙ୍କାର ରାଜସ୍ୱ ହରାଇଛି। ଗତ ଆର୍ଥିକ ବର୍ଷରେ ରାଜ୍ୟ ୪୬ ହଜାର କୋଟି ଟଙ୍କାର ଖଣି ରାଜସ୍ୱ ପାଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ୪୦ ହଜାର ୫୦୦ କୋଟି ପାଇଛି। ସର୍ବାଧିକ ରାଜସ୍ୱ ଦେଉଥିବା କେନ୍ଦୁଝର ଜିଲ୍ଲାରେ ମଧ୍ୟ ଖଣି ରାଜସ୍ୱ ହ୍ରାସ ପାଇଛି। ଗତବର୍ଷ ଯୋଡ଼ା ଖଣିମଣ୍ଡଳରେ ୨୧ ହଜାର କୋଟି ଟଙ୍କା ଖଣି ରାଜସ୍ୱ ଆଦାୟ ହୋଇଥିବା ବେଳେ ଏବର୍ଷ ୨ ହଜାର କୋଟି ଟଙ୍କା ହ୍ରାସ ପାଇଛି। କେବଳ କେନ୍ଦୁଝର ନୁହେଁ, ସମଗ୍ର ରାଜ୍ୟର ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଖଣି ବିଭାଗ ପୂର୍ବବର୍ଷର ସଫଳତାକୁ ଦୋହରାଇ ପାରିନାହିଁ। ରାଜ୍ୟରେ ବିକାଶରେ ପ୍ରମୁଖ ଭୂମିକା ରଖୁଥିବା ଖଣି ରାଜସ୍ୱ ହ୍ରାସ ଚିନ୍ତାଜନକ ବୋଲି କୁହାଯାଉଛି। ଖଣି ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ, ଗତବର୍ଷ ରାଜ୍ୟରେ ମୋଟ ୪୬ ହଜାର କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହୋଇଥିଲା। ଚଳିତବର୍ଷ ସରକାର ୭୦ ହଜାର କୋଟି ଟଙ୍କା ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ମାତ୍ର ୪୦ ହଜାର ୫୦୦ କୋଟି ଟଙ୍କା ଅର୍ଥାତ୍ ୬୦ ପ୍ରତିଶତରୁ କମ୍ ସଫଳତା ପାଇଛି। ଯୋଡ଼ା ଖଣି ମଣ୍ଡଳରୁ ଗତବର୍ଷ ୨୧ ହଜାର କୋଟି ଟଙ୍କା ଖଣି ରାଜସ୍ୱ ସଂଗ୍ରହ ହୋଇଥିବା ବେଳେ ଏବର୍ଷ ୧୯ ହଜାର କୋଟି ଟଙ୍କା ସଂଗ୍ରହ ହୋଇଛି। ଯୋଡ଼ା ଖଣି ମଣ୍ଡଳରେ ୧୦ଟି ଅଧିକ ପ୍ରିମିୟମ୍ର ଖଣି ରହିଛି। ଏଥିରୁ ଏବେ ୫ଟି ବନ୍ଦ ରହିଛି। ଜଜାଙ୍ଗ ଲୁହାପଥର ଖଣିର ପ୍ରିମିୟମ୍ ଦେଇ ନପାରିବାରୁ ଉକ୍ତ ଖଣିକୁ ଜେଏସ୍ଡବ୍ଲ୍ୟୁ କମ୍ପାନି ସରକାରଙ୍କୁ ହସ୍ତାନ୍ତର କରିଦେଇଛି। ଅର୍ଥାତ୍ ଏହି ଖଣିରୁ ଗତବର୍ଷ ଯେଉଁ ରାଜସ୍ୱ ମିଳିଥିଲା ଏଥର ତାହା ମିଳିଲା ନାହିଁ। ସେହିପରି ଚଳିତବର୍ଷ ୭ଟି ଖଣି ପ୍ରିମିୟମ୍ ଦାଖଲ କରି ନଥିବାରୁ ସରକାର ତାହାକୁ ଚଳାଇବା ପାଇଁ ଅନୁମତି ଦେଇନାହାନ୍ତି। ନିୟମ ଅନୁସାରେ, କୌଣସି ଖଣି ଧାର୍ଯ୍ୟ ସମୟରେ ପ୍ରିମିୟମ୍ ଦେଇ ନ ପାରିଲେ, ପରବର୍ତ୍ତୀ ସମୟରେ ସେମାନଙ୍କୁ ଦେୟ ପଇଠ ପାଇଁ ଚୁକ୍ତି ଭିତ୍ତିରେ ସମୟ ଦିଆଯାଏ। ଉକ୍ତ ପ୍ରିମିୟମ୍ର ସୁଧ ଆକାରରେ ୧୮ ପ୍ରତିଶତ ଅଧିକ ସରକାର ନେଇଥା'ନ୍ତି। ଚଳିତ ଆର୍ଥିକ ବର୍ଷର ଶେଷ ପର୍ଯ୍ୟାୟରେ ଯୋଡ଼ା ଖଣି ମଣ୍ଡଳର ସିରାଜୁଦ୍ଦିନ, କାସ୍ଭି, ନର୍ଭେରାମ ଭଳି ୭ଟି ଖଣିର ପ୍ରିମିୟମ୍ ଦାଖଲ ହୋଇ ନଥିବାରୁ ସେଗୁଡ଼ିକୁ ବନ୍ଦ କରାଯାଇଛି। ୪ମାସ ଧରି ଏହି ସବୁ ଖଣି ବନ୍ଦ ରହିବା ଯୋଗୁଁ ବିପୁଳ କ୍ଷତି ହୋଇଛି। ବକେୟା ଥିବା ପ୍ରିମିୟମ୍ ସାଙ୍ଗକୁ ରୟାଲଟି ହରାଇଛନ୍ତି ସରକାର। ଯଦି ପୂର୍ବ ଭଳି ଅଣ୍ଡରଟେକିଂ ଜରିଆରେ ଅଧିକ ସୁଧ ନେଇ କମ୍ପାନିମାନଙ୍କୁ ଖଣି ଖନନ କରିବାକୁ ସୁଯୋଗ ଦିଆଯାଇଥା'ନ୍ତା, ହୁଏତ ସରକାର ଅଧିକ ରାଜସ୍ୱ ପାଇଥା'ନ୍ତେ ବୋଲି କୁହାଯାଉଛି। ସେହିପରି ଖଣିଜ ପଦାର୍ଥର ମୂଲ୍ୟ ହ୍ରାସ ରାଜସ୍ୱ ହ୍ରାସର ଅନ୍ୟତମ କାରଣ ବୋଲି କୁହାଯାଉଛି। ଖଣିଜ ପଦାର୍ଥ ମୂଲ୍ୟ ସ୍ଥିର କରିଥାଏ ଆଇବିଏମ୍ (ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ)। ଚଳିତବର୍ଷ ଖଣିଜ ପଦାର୍ଥର ମୂଲ୍ୟ କମାଇଛି ଆଇବିଏମ୍। ଏଥିପାଇଁ ରାଜସ୍ୱ ଆଦାୟ କମିଥିବା କୁହାଯାଉଛି।

## କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ, ପୁଲିସ ତଦନ୍ତ ଆରମ୍ଭ

ଭୁବନେଶ୍ୱର,୧/୪: ପୁଣି ଜଣେ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏକ ନିର୍ମାଣଧୀନ କୋଠା ତଳୁ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଛାତ୍ର କିଟ୍ ବିଶ୍ୱବିଦ୍ୟାଳୟରେ ବିଟେକ୍ ତୃତୀୟ ବର୍ଷରେ ପଢୁଥିଲେ। ଛାତ୍ରଙ୍କ ନାମ ଅର୍ଣ୍ଣବ ଗୋସ୍ୱାମୀ ଏବଂ ତାଙ୍କ ଘର ପଶ୍ଚିମବଙ୍ଗର ବାଁକୁରା ଗ୍ରାମରେ ବୋଲି ଜଣାପଡ଼ିଛି। କିଟ୍ ବିଶ୍ୱବିଦ୍ୟାଳୟର ହଷ୍ଟେଲ୍ରେ ରହି ଅର୍ଣ୍ଣବ ପାଠ ପଢୁଥିଲେ। ହଷ୍ଟେଲରୁ କେମିତି ଆସିଲେ ମଞ୍ଚେଶ୍ୱର ଏବଂ ନିର୍ମାଣଧିନ କୋଠାକୁ କାହିଁକି ଯାଇଥିଲେ, ତାହାର କାରଣ ଜଣାପଡ଼ିନାହିଁ। ମଞ୍ଚେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ୍ ହସପିଟାଲକୁ ପଠାଇଛି। ଏବେ ଅର୍ଣ୍ଣବଙ୍କ ମୃତଦେହ କ୍ୟାପିଟାଲ ହସପିଟାଲରେ ରହିଛି ଏବଂ ତାଙ୍କ ପରିବାର ସଦସ୍ୟ ଆସିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂଚନା ଦେଇଛି। ମଞ୍ଚେଶ୍ୱର ଥାନା ପୁଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ମଲା ଗଛରେ ପାଣି ଦେଉଛି ବନବିଭାଗ, ଅଭିଯୋଗ କଲେ ମିଳୁଛି ଧମକ

ଲାଞ୍ଜିଗଡ଼ ,୧/୪: ସାଇନବୋର୍ଡରେ ଲେଖାଯାଇଛି ୨୫ ହେକ୍ଟର ଜଙ୍ଗଲରେ କାମ୍ପା ଯୋଜନାରେ ହୋଇଛି ବୃକ୍ଷରୋପଣ। ଲଗାଯାଇଛି ୧୨ ହଜାର ୫୦୦ ଚାରାଗଛ। ଆଉ ଗଛଗୁଡିକୁ ବଞ୍ଚାଇବାକୁ ଟ୍ୟାଙ୍କର ଲଗାଇ ଦିଆଯାଉଛି ପାଣି। ଏପରି କହୁଛି ବନବିଭାଗ। କିନ୍ତୁ ପାଖରୁ ଦେଖିଲେ ସବୁ ଓଲଟା। କାରଣ ବୋର୍ଡରେ ଯାହା ଲେଖାଯାଇଛି ତାହା ସତ ନୁହେଁ। ୧୨ ହଜାର ୫୦୦ ଗଛ ଲାଗିଥିବା ଜାଗାରେ ଦଶଟି ଗଛ ବି ଦେଖିବା ମୁସ୍କିଲ। ଯେଉଁ ଜଙ୍ଗଲରେ ଦଶଟି ଗଛ ବି ଦେଖିବାକୁ ମିଳୁନି, ସେଇଠି ବୋର୍ଡ କହୁଛି ୨୫ ହେକ୍ଟର ଜଙ୍ଗଲରେ ଗଛ ଲଗାଯାଇଛି ବୋଲି। କେବଳ ସେତିକି ନୁହେଁ, ମଲା ଗଛ ଗୁଡ଼ିକରେ ଟ୍ୟାଙ୍କର ଲଗାଇ ଦିଆଯାଉଛି ପାଣି। ଦୁଇଦିନ ହେଲା ମଲା ଗଛରେ ଟ୍ୟାଙ୍କର ଲଗାଇ ପାଣି ଦିଆଯାଉଥିବାବେଳେ ଆଜି ଏହାକୁ ବିରୋଧ କରିଛନ୍ତି ବନ ସୁରକ୍ଷା ସମିତିର କର୍ମକର୍ତ୍ତା। ଏଭଳି ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ବନାଞ୍ଚଳ ତଥା ସିକେରକୁପା ସେକ୍ସନ, ପାଣିମୁଣ୍ଡା ବିଟ ରାମଚନ୍ଦ୍ରପୁର ଗ୍ରାମ୍ୟ ଜଙ୍ଗଲରେ। ରାମଚନ୍ଦ୍ରପୁର ଗ୍ରାମ୍ୟ ଜଙ୍ଗଲରେ କାମ୍ପା ଯୋଜନାରେ ଗଛ ଲାଗିଛି ବୋଲି ବନବିଭାଗ କହୁଥିବାବେଳେ ସେଇ ୨୫ ହେକ୍ଟର ଅଞ୍ଚଳରେ ପଚିଶଟି ବି ଗଛ ନାହିଁ। ସେହିପରି ସପ୍ତାହେ ପୂର୍ବରୁ ବନବିଭାଗର ଅବହେଳା ଯୋଗୁଁ ଜଙ୍ଗଲରେ ନିଆଁ ଲାଗିଥିବାବେଳେ ଏବେ ସେଇ ନିଆଁକୁ ବାହାନା କରୁଛି ବନବିଭାଗ। ସରକାରୀ ଅନୁଦାନକୁ ଲୁଟ କରିବାକୁ ଏଇ ବାହାନାରେ ମଲାଗଛରେ ପାଣି ଦିଆଯାଉଥିବା ଦେଖି ବିରୋଧ କରିଛନ୍ତି ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ଗ୍ରାମବାସୀ। ତେବେ ଲୋକଙ୍କ ବିରୋଧ ପରେ ନିଜ କାରସାଦି ଧରା ପଡିଯିବା ଭୟରେ ଅଭିଯୋଗକାରୀଙ୍କୁ ଧମକ ଦେଇଛନ୍ତି ବନାଞ୍ଚଳ ଅଧିକାରୀ। ଏପରିକି ସାଧାରଣ ଲୋକଙ୍କୁ ପୁଲିସ କେସର ଭୟ ଦେଖାଇଛନ୍ତି ଫରେଷ୍ଟର ଓ ଫରେଷ୍ଟ ଗାର୍ଡ। ସୂଚନାନୁଯାୟୀ, ଯେଉଁ ଜଙ୍ଗଲକୁ ନେଇ ଲୋକେ ବନବିଭାଗ ନାଁରେ ଅଭିଯୋଗ କରୁଛନ୍ତି ସେଇ ଜଙ୍ଗଲରେ କେବଳ କାମ୍ପା ଯୋଜନାର ବୋର୍ଡ ଲାଗିଛି ସତ କିନ୍ତୁ ମନରେଗା ସମେତ ଅନ୍ୟ ଯୋଜନାରେ ମଧ୍ୟ ବୃକ୍ଷରୋପଣ, ପରିଚାଳନା କରାଯାଇଥିବା ଦର୍ଶାଇ ଲକ୍ଷଲକ୍ଷ ଟଙ୍କା ହରିଲୁଟ ହୋଇଥିବା ଅଭିଯୋଗ ହେଉଛି। ସେହିପରି ଜଙ୍ଗଲ ନିଆଁ ରୋକିବାକୁ ଆଉ ସଚେତନ କରିବାକୁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଆସୁଥିବାବେଳେ ସେସବୁକୁ ଚଳୁ କରିଦେଇଛନ୍ତି ବନବିଭାଗର ଅଧିକାରୀ ଓ କର୍ମଚାରୀମାନେ। ଏବେ ଲୋକଙ୍କ ଆଗରେ ଚୋରି ଧରା ପଡିଯିବା ପରେ ସେମାନେ ଧମକ ଚମକ ଦେବା ଆରମ୍ଭ କରିଛନ୍ତି। ଏହାକୁ ନେଇ ଜନ ଅସନ୍ତୋଷ ବଢୁଥିବାବେଳେ ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ସ୍ଥାନୀୟ ଲୋକେ ଏହି ମହାଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ